## ବାଲେଶ୍ୱରରେ କଡ଼ ଲେଉଟିଲା ରାଜନୈତିକ ସମୀକରଣ

# ବିଜେଡି ୪, ବିଜେପି ୪





ବାଲେଶ୍ୱର, ୪।୬(ସମିସ):



ବାଲେଶ୍ୱର ଜିଲ୍ଲାରେ କଡ଼ ଲେଉଟିଛି ରାଜନୈତିକ ସମୀକରଣ। ଉତ୍ତର ବାଲେଶ୍ୱରର ଭୋଗରାଇ ଓ ବସ୍ତା ବିଧାନସଭା ଆସନକୁ ବିଜେଡି ସୁରକ୍ଷିତ ରଖିବାରେ ସକ୍ଷମ ହୋଇଥିବା ବେଳେ କଡ଼ା ଟକ୍କର ମଧ୍ୟରେ ଜଳେଶ୍ୱର ଆସନକୁ ଅଶ୍ୱିନୀ କୁମାର ପାତ୍ର ସୁରକ୍ଷିତ ରଖିବାରେ ସକ୍ଷମ ହୋଇଛନ୍ତି। ସୋର ନିର୍ବାଚନ ମଣ୍ଡଳୀରେ ବିଜେଡି ଓ ବିଜେପି ମଧ୍ୟରେ କଡ଼ା ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିଥିଲା। ଶେଷକୁ ବିଜେଡିର ମାଧବ ଧଡ଼ା ସ୍ୱଳ୍ପ ବ୍ୟବଧାନରେ ବିଜେପିର ପର୍ଶୁରାମ ଧଡ଼ାଙ୍କୁ ହରାଇ ବିଜେଡିକୁ ବିଜୟର ସ୍ୱାଦ ଚଖାଇଛନ୍ତି। ବାଲେଶ୍ୱର ଜିଲ୍ଲାରୁ ବିଜେଡି ଖାତାରେ ୪ଟି ଆସନ ରହିଥିବା ବେଳେ ବିଜେପି ଖାତାକୁ ୪ଟି ଆସନ ଯାଇଛି। ଭୋଗରାଇ ନିର୍ବାଚନ ମଣ୍ଡଳୀରେ ନୂଆ ମୁହଁ ଗୌତମବୁଦ୍ଧ ଦାସ ସଫଳ ହୋଇଥିବା ବେଳେ ବସ୍ତା ନିର୍ବାଚନ ମଣ୍ଡଳୀରୁ ପ୍ରଥମ ମହିଳା ବିଧାୟିକା ଭାବେ ସୁବାସିନୀ ଜେନା ଗୌରବ ଅର୍ଜନ କରିଛନ୍ତି। ଅନ୍ୟପକ୍ଷରେ ବିଜେପିର ବାଲେଶ୍ୱର ସଦର ପ୍ରାର୍ଥୀ ମାନସ କୁମାର ଦତ୍ତ, ରେମୁଣାର ଗୋବିନ୍ଦ ଚନ୍ଦ୍ର ଦାସ, ନୀଳଗିରିର ସନ୍ତୋଷ ଖଟୁଆ ଓ ସିମୁଳିଆର ପଦ୍ମଲୋଚନ ପାଣିଗ୍ରାହୀ ବିଜୟୀ ହୋଇଛନ୍ତି।

ବାଲେଶ୍ୱର ଲୋକସଭା କ୍ଷେତ୍ରରେ ବିଜେପି ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ୧୪୭୧୫୬ ଭୋଟ୍‌ରେ ବିଜେଡି ପ୍ରାର୍ଥୀ ଲେଖାଶ୍ରୀ ସାମନ୍ତସିଂହାରଙ୍କଠାରୁ ଜିତିଛନ୍ତି। ଶେଷ ପର୍ଯ୍ୟାୟର ଭୋଟ୍ ଗଣତି ସୁଦ୍ଧା ପ୍ରତାପଙ୍କୁ ୫, ୬୩, ୮୬୫ ଖଣ୍ଡ ଭୋଟ୍ ମିଳିଥିବା ବେଳେ ଲେଖାଶ୍ରୀଙ୍କୁ ୪୧୬୭୦୯ ଖଣ୍ଡ ଭୋଟ୍ ମିଳିଛି। ତୃତୀୟ ସ୍ଥାନରେ କଂଗ୍ରେସର ଶ୍ରୀକାନ୍ତ ଜେନା ୨୩୭୦୦୭ ଖଣ୍ଡ ଭୋଟ୍ ପାଇଛନ୍ତି। ତେବେ ବାଲେଶ୍ୱର ଲୋକସଭା କ୍ଷେତ୍ରର ଚୂଡ଼ାନ୍ତ ପର୍ଯ୍ୟାୟ ଭୋଟ୍ ଗଣତି ଜାରି ରହିଛି।

ଭୋଗରାଇ ନିର୍ବାଚନ ମଣ୍ଡଳୀରୁ ବିଜେଡିର ଗୌତମ ବୁଦ୍ଧ ଦାସ ମୋଟ୍ ୭୦, ୧୯୮ ଖଣ୍ଡ ଭୋଟ୍ ପାଇଥିବା ବେଳେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସର ସତ୍ୟଶିବ ଦାସ ୬୩, ୬୩୪ ଖଣ୍ଡ ଭୋଟ୍ ପାଇଛନ୍ତି। ବିଜେପିର ଆଶିଷ ପାତ୍ରଙ୍କୁ ୪୧, ୦୫୯ ଖଣ୍ଡ ମିଳିଛି। ଗୌତମ ମୋଟ୍ ୬୫୬୪ ଖଣ୍ଡ ଭୋଟ୍‌ରେ ବିଜୟୀ ହୋଇଛନ୍ତି। ଭୋଗରାଇରେ ନୂଆ ଚେହେରା ଭାବେ ଗୌତମଙ୍କୁ ସ୍ଥାନୀୟ ଅଞ୍ଚଳବାସୀ ଗ୍ରହଣ କରିଥିବା ବେଳେ କଂଗ୍ରେସର ସତ୍ୟଶିବଙ୍କୁ ତୃତୀୟ ଥର ପାଇଁ ପରାଜୟ ବରଣ କରିଛନ୍ତି।

ବସ୍ତାର ପ୍ରଥମ ମହିଳା ବିଧାୟକ ଭାବେ ବିଜେଡିର ସୁବାସିନୀ ଜେନା ନିର୍ବାଚିତ ହେବାର ଗୌରବ ହାସଲ କରିଛନ୍ତି। ସୁବାସିନୀ ୨୦, ୩୭୭ ଖଣ୍ଡ ଭୋଟ୍‌ରେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସର ବିଜନ ନାୟକଙ୍କ ନିକଟରୁ ବିଜୟୀ ହୋଇଛନ୍ତି। ସୁବାସିନୀଙ୍କୁ ୮୩, ୩୧୪ ଖଣ୍ଡ ଭୋଟ୍ ମିଳିଥିବା ବେଳେ କଂଗ୍ରେସର ବିଜନଙ୍କୁ ୬୨, ୯୩୭ ଖଣ୍ଡ ଭୋଟ୍ ମିଳିଛି। ବିଜେପି ପ୍ରାର୍ଥୀ ରବୀନ୍ଦ୍ର କୁମାର ଅଣ୍ଡିଆଙ୍କୁ ୪୨, ୭୩୨ ଖଣ୍ଡ ଭୋଟ୍ ମିଳିଛି।

ଜଳେଶ୍ୱର ନିର୍ବାଚନ ମଣ୍ଡଳୀରେ କଡ଼ା ପ୍ରତିଦ୍ୱନ୍ଦ୍ୱିତା ମଧ୍ୟରେ ବିଜେଡିର ଅଶ୍ୱିନୀ କୁମାର ପାତ୍ର ମାତ୍ର ୩୧୯ ଖଣ୍ଡ ଭୋଟ୍‌ରେ ବିଜୟୀ ହୋଇଛନ୍ତି। ଅଶ୍ୱିନୀ ମୋଟ୍ ୮୩, ୧୦୫ ଖଣ୍ଡ ଭୋଟ୍ ପାଇଥିବା ବେଳେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେପିର ବ୍ରଜ ମୋହନ ପ୍ରଧାନଙ୍କୁ ୮୨, ୭୮୬ ଖଣ୍ଡ ଭୋଟ୍ ମିଳିଛି। କଂଗ୍ରେସର ସୁଦର୍ଶନ ଦାସଙ୍କୁ ୨୬, ୬୯୨ ଖଣ୍ଡ ଭୋଟ୍ ମିଳିଛି। ତେବେ ହାରଜିତ୍‌ର ଛକାପଞ୍ଝା ମଧ୍ୟରେ ଉଭୟ ବିଜେଡି ଓ ବିଜେପି ଦଳୀୟ କର୍ମୀ ଅନିଶ୍ଚିତତା ମଧ୍ୟରେ ଥିଲେ। ଶେଷରେ ଅଶ୍ୱିନୀ ସ୍ୱଳ୍ପ ବ୍ୟବଧାନରେ ବାଜି ମାରି ନେବାରୁ ବିଜେପି କର୍ମୀଙ୍କ ମହଲରେ ନିରାଶା ଦେଖିବାକୁ ମିଳିଛି।

ସେହିପରି ସୋର ନିର୍ବାଚନ ମଣ୍ଡଳୀରେ ବିଜେଡି ଓ ବିଜେପି ମଧ୍ୟରେ କଡ଼ା ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିଛି। ବିଜେଡି ପ୍ରାର୍ଥୀ ମାଧବ ଧଡ଼ା ମାତ୍ର ୮୦୨ ଖଣ୍ଡ ଭୋଟ୍‌ରେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେପିର ପର୍ଶୁରାମ ଧଡ଼ାଙ୍କ ନିକଟରୁ ବିଜୟୀ ହୋଇଛନ୍ତି। ମାଧବଙ୍କୁ ମୋଟ୍ ୬୩, ୬୪୨ ଖଣ୍ଡ ଭୋଟ୍ ମିଳିଥିବା ବେଳେ ବିଜେପିର ପର୍ଶୁରାମଙ୍କୁ ୬୨, ୮୪୦ ଖଣ୍ଡ ଭୋଟ୍ ମିଳିଛି। କଂଗ୍ରେସର ସୁବ୍ରତ ଧଡ଼ାଙ୍କୁ ୩୨, ୧୪୯ ଖଣ୍ଡ ଭୋଟ୍ ହାସଲ କରି ମଇଦାନରେ କଡ଼ା ପ୍ରତିଦ୍ୱନ୍ଦ୍ୱିତା କରିଛନ୍ତି। ବିଜେପିର ବିଦ୍ରୋହୀ ସ୍ୱାଧୀନ ପ୍ରାର୍ଥୀ ରାକେଶ ମଲ୍ଲିକ ୨୫୬୬ ଭୋଟ୍ ହାସଲ କରି ସୋରର ସମୀକରଣକୁ ପରିବର୍ତ୍ତନ କରିଦେଇଥିଲେ।

ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀରେ ବିଜେପି ପ୍ରାର୍ଥୀ ମାନସ କୁମାର ଦତ୍ତ ୨୮, ୬୨୬ ଖଣ୍ଡ ଭୋଟରେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡିର ସ୍ୱରୂପ କୁମାର ଦାସଙ୍କୁ ପରାସ୍ତ କରିଛନ୍ତି। ମାନସଙ୍କୁ ମୋଟ୍ ୮୯, ୩୬୦ ଖଣ୍ଡ ଭୋଟ୍ ମିଳିଥିବା ବେଳେ ସ୍ୱରୂପଙ୍କୁ ୬୦, ୭୩୪ ଖଣ୍ଡ ଭୋଟ୍ ମିଳିଛି। କଂଗ୍ରେସ ପ୍ରାର୍ଥିନୀ ଇଂ. ମୋନାଲିସା ସାମଲଙ୍କୁ ୧୯, ୨୫୯ ଖଣ୍ଡ ଭୋଟ୍ ମିଳିଥିବା ବେଳେ ସ୍ୱାଧୀନ ପ୍ରାର୍ଥୀ ବିକ୍ରମ ପଣ୍ଡାଙ୍କୁ ୪୬୯୫ ଖଣ୍ଡ ଭୋଟ୍ ମିଳିଛି।

ସେହିପରି ରେମୁଣା ନିର୍ବାଚନ ମଣ୍ଡଳୀରେ ରେମୁଣା ବିଜେପି ପ୍ରାର୍ଥୀ ଗୋବିନ୍ଦ ଚନ୍ଦ୍ର ସାହୁ ୨୪,୧୬୮ ଭୋଟ୍ ବ୍ୟବଧାନରେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡି ପ୍ରାର୍ଥୀ ବିଦ୍ୟାସ୍ମିତା ମହାଲିକଙ୍କୁ ପରାସ୍ତ କରିଛନ୍ତି। ଗୋବିନ୍ଦଙ୍କୁ ମୋଟ୍ ୯୨, ୬୨୦ ଖଣ୍ଡ ଭୋଟ୍ ମିଳିଥିବା ବେଳେ ବିଦ୍ୟାସ୍ମିତାଙ୍କୁ ୬୮, ୪୫୨ ଖଣ୍ଡ ଭୋଟ୍ ମିଳିଛି। କଂଗ୍ରେସ ପ୍ରାର୍ଥୀ ସୁଦର୍ଶନ ଜେନାଙ୍କୁ ୧୨, ୦୫୯ ଖଣ୍ଡ ଭୋଟ୍ ମିଳିଛି।

ନୀଳଗିରି ନିର୍ବାଚନ ମଣ୍ଡଳୀରୁ ବିଜେପି ପ୍ରାର୍ଥୀ ସନ୍ତୋଷ ଖଟୁଆ ବାଜି ମାରିଛନ୍ତି। ସେ ବିପୁଳ ୧୯, ୮୩୯ ଖଣ୍ଡ ଭୋଟ୍‌ରେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡିର ସୁକାନ୍ତ ନାୟକଙ୍କ ଠାରୁ ବିଜୟୀ ହୋଇଛନ୍ତି। ସନ୍ତୋଷଙ୍କୁ ୮୭, ୯୨୮ଭୋଟ ମିଳିଥିବା ବେଳେ ସୁକାନ୍ତଙ୍କୁ ୬୮, ୦୮୯ ଖଣ୍ଡ ଭୋଟ୍ ମିଳିଛି। କଂଗ୍ରେସ ପ୍ରାର୍ଥୀ ଅକ୍ଷୟ ଆଚାର୍ଯ୍ୟଙ୍କୁ ୮୨୧୦ ଖଣ୍ଡ ଭୋଟ୍ ମିଳିଛି।

ସେହିପରି ସିମୁଳିଆ ନିର୍ବାଚନ ମଣ୍ଡଳୀରୁ ବିଜେପି ପ୍ରାର୍ଥୀ ପଦ୍ମଲୋଚନ ପଣ୍ଡା ୧୩, ୧୮୩ ଖଣ୍ଡ ଭୋଟରେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡିର ସୁବାସିନୀ ସାହୁଙ୍କଠାରୁ ବିଜୟୀ ହୋଇଛନ୍ତି। ପଦ୍ମଲୋଚନଙ୍କୁ ୯୦, ୬୭୬ ଖଣ୍ଡ ଭୋଟ୍ ମିଳିଥିବା ବେଳେ ସୁବାସିନୀଙ୍କୁ ୭୭, ୪୯୩ ଖଣ୍ଡ ଭୋଟ୍ ମିଳିଛି। କଂଗ୍ରେସର ହିମାଂଶୁ ଶେଖର ବେହେରାଙ୍କୁ ୧୩, ୦୬୭ ଖଣ୍ଡ ଭୋଟ୍ ମିଳିଛି।

ବାଲେଶ୍ୱର ଜିଲ୍ଲାରେ ରାଜନୈତିକ ସମୀକରଣ ବଦଳିବା ସହିତ ବିଜେଡି ୪ଟି ବିଧାନସଭା ଆସନ ଦଖଲ କରି ସମ୍ମାନ ରଖିବାରେ ସଫଳ ହୋଇଛି। ଅନ୍ୟପକ୍ଷରେ ବିଜେପି ବାଲେଶ୍ୱର ସଦର, ରେମୁଣା ଓ ସିମୁଳିଆ ଆସନ ବିଜେଡି ପାଖରୁ ଛଡ଼ାଇ ନେଇଛି। ନୀଳଗିରିରେ ବିଜେପି ଗଡ଼ ସୁରକ୍ଷିତ ରଖିବାରେ ସକ୍ଷମ ହୋଇଥିବା ବେଳେ ସୁକାନ୍ତଙ୍କୁ ଦଳ ବଦଳାଇ ପରାଜୟ ବରଣ କରିବାକୁ ପଡ଼ିଛି।

- ବିଜେଡିରୁ ଜିତିଲେ ସୁବାସିନୀ ଓ ଗୌତମ
- କଡ଼ା ଟକ୍କରରେ ଜିତିଲେ ବିଜେଡିର ଅଶ୍ୱିନୀ ଓ ମାଧବ
- ବିଜେପିର ସନ୍ତୋଷ, ମାନସ, ଗୋବିନ୍ଦ ଓ ପଦ୍ମଲୋଚନ ବିଜୟୀ

## ପୂର୍ବ ଶତ୍ରୁତାରୁ ବ୍ୟବସାୟୀଙ୍କୁ ଗୁଳିମାଡ଼

**● ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତର**

ବାଲେଶ୍ୱର, ୪।୬(ସମିସ): ପୂର୍ବଶତ୍ରୁତାକୁ କେନ୍ଦ୍ରକରି ମଙ୍ଗଳବାର ଅପରାହ୍ନ ୫ଟା ୨୦ରେ ବ୍ୟବସାୟୀଙ୍କୁ ଗୁଳି ମାରି ହତ୍ୟା କରିବାକୁ ଉଦ୍ୟମ କରାଯାଇଛି। ଗୁରୁତର ଅବସ୍ଥାରେ ଆହତ ବ୍ୟବସାୟୀ ଶେଖ ଜସ୍ମିନଙ୍କୁ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ସ୍ୱାସ୍ଥ୍ୟଗତ ଅବସ୍ଥା ଖରାପ ହେବା ଯୋଗୁ ଜସ୍ମିନଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଏହି ଗୁଳିକାଣ୍ଡ ଘଟଣା ଶିଳ୍ପାଞ୍ଚଳ ଥାନା ସୁତେଇବଡ଼ଗାଁ ବାଇପାସଠାରେ ଘଟିଛି। ଶିଳ୍ପାଞ୍ଚଳ ଥାନା ସମ୍ବଲପୁର ଅଞ୍ଚଳର ବ୍ୟବସାୟୀ ଶେଖ ଜସ୍ମିନ (୪୩) ମଙ୍ଗଳବାର ଅପରାହ୍ନରେ ନିଜ କାରରେ ଯାଉଥିଲେ। ସୁତେଇବଡ଼ଗାଁ ବାୟପାସ ଠାରେ ଅନ୍ୟ ଏକ କାରରେ ତିନି ଜଣ ଦୁର୍ବୃତ୍ତ ଆସି ଜସ୍ମିନଙ୍କୁ ଲକ୍ଷ୍ୟ କରି ତିନି ରାଉଣ୍ଡ ଗୁଳି କରି ସେଠାରୁ ଖସି ପଳାଇ ଥିଲେ। ଗୁଳି ଜସ୍ମିନଙ୍କ ଡାହାଣ ପଟ ଛାତି, ଡାହାଣ ହାତ ଓ ପିଠିରେ ବାଜିଥିଲା। ଖବର ପାଇ ଜସ୍ମିନର ଜଣେ ବନ୍ଧୁ ଘଟଣା ସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ଥିବା ଜସ୍ମିନଙ୍କୁ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଜସ୍ମିନଙ୍କ ସ୍ୱାସ୍ଥ୍ୟଗତ ଅବସ୍ଥା ସାଙ୍ଘାତିକ ହେବା ଯୋଗୁଁ କଟକ ବଡ ଡାକ୍ତରଖାନାକୁ ତାଙ୍କୁ ସ୍ଥାନାନ୍ତର କରାଯାଇଛି। ଅପରପକ୍ଷରେ ଶିଳ୍ପାଞ୍ଚଳ ଥାନା ପୁଲିସ ଖବରପାଇ ଘଟଣା ସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ କରିଛି।



## ବିଦ୍ୟୁତ୍ ଆଘାତରେ ଯୁବକ ମୃତ

ସିମୁଳିଆ, ୪।୬ (ସମିସ): ସିମୁଳିଆ ବ୍ଲକ କନେଇଁବିନ୍ଦା ପଞ୍ଚାୟତ ମାନସ ପଡ଼ା ଗ୍ରାମର ଉପେନ୍ଦ୍ର ପ୍ରସାଦ ପଣ୍ଡାଙ୍କ ପୁତ୍ର ଉମେଶ ପଣ୍ଡା (୪୫) ଆଜି ସନ୍ଧ୍ୟାରେ କରେଣ୍ଟ ନଥିବା ବେଳେ ମେନସୁଇଚ ନ ପକାଇ ନିଜ ଘର ଟିଭି ମରାମତି କରୁଥିଲେ। ଏହି ସମୟରେ କରେଣ୍ଟ ଆସିଥିବାରୁ ଉମେଶ ଜାଣି ପାରିନଥିଲେ। ଫଳରେ ବିଦ୍ୟୁତ୍ ଆଘାତରେ ସେ ଗୁରୁତର ହୋଇଥିଲେ। ସଙ୍ଗେ ସଙ୍ଗେ ଗ୍ରାମବାସୀ ଖବର ପାଇ ସିମୁଳିଆ ମେଡିକାଲକୁ ଆଣି ଥିଲେ। ସେଠାରେ କାର୍ଯ୍ୟରତ ଡାକ୍ତର ମୃତ ଘୋଷଣା କରିଥିଲେ।

## ଜିକେ ଭଞ୍ଜର ହସ୍ପିଟାଲକୁ ଶବ ସଂରକ୍ଷଣ ଫ୍ରିଜର ଦାନ




ଜଳେଶ୍ୱର ବ୍ଲକ, ୪।୬ (ସମିସ): ସ୍ୱେଚ୍ଛାସେବୀ ସଂଗଠନ "ଆମେ କେତେଜଣ' ଉଦ୍ୟମରେ ବାଲେଶ୍ୱରର ଅଗ୍ରଣୀ ସେବାସଂସ୍ଥା "ସେବା ହିଁ ସେବା' ଦ୍ୱାରା ଜଳେଶ୍ୱର ଜି.କେ. ଭଞ୍ଜର ହସ୍ପିଟାଲରେ ଶବ ସଂରକ୍ଷଣ ଫ୍ରିଜର ଅବସ୍ଥାପିତ ହୋଇଅଛି। ଜଳେଶ୍ୱର ତଥା ଉତ୍ତର ବାଲେଶ୍ୱରର ଯୁବକ ମାନେ ଆମ ଦେଶ ଓ ଦେଶ ବାହାରେ କାର୍ଯ୍ୟ କରନ୍ତି। ଯଦି କୌଣସି ସମୟରେ ତାଙ୍କର ଆତ୍ମୀୟ ସ୍ୱଜନଙ୍କର ମୃତ୍ୟୁ ହୁଏ ସେମାନେ ତାଙ୍କର ଆତ୍ମୀୟଙ୍କର ଶବ ଦେଖି ପାରନ୍ତି ନାହିଁ। ଜଳେଶ୍ୱର ଜି.କେ. ଭଞ୍ଜର ହସ୍ପିଟାଲ ପ୍ରତିଷ୍ଠାର ୪୬ ବର୍ଷ ପରେ ମଧ ଶବ ସଂରକ୍ଷଣ ପାଇଁ ବ୍ୟବସ୍ଥା କରା ଯାଇପାରିଲା ନାହିଁ। ଜନ ସାଧାରଣଙ୍କ ଏଭଳି ସମସ୍ୟାର ସମାଧାନ ପାଇଁ "ଆମେ କେତେଜଣ' ଉଦ୍ୟମରେ "ସେବା ହିଁ ସେବା' ସଂସ୍ଥା ପକ୍ଷରୁ ଶବ ସଂରକ୍ଷଣ ଫ୍ରିଜର ଅବସ୍ଥାପିତ ହେବା ଜଳେଶ୍ୱର ଅଞ୍ଚଳ ପାଇଁ ଖୁସି ଖବର। ସେଥିପାଇଁ "ଆମେ କେତେଜଣ' ସଂସ୍ଥା ଓ ଜଳେଶ୍ୱର ବାସୀଙ୍କ ତରଫରୁ "ସେବା ହିଁ ସେବା' ଅନୁଷ୍ଠାନର ସଭାପତି ଅମର ସିଂ ୱାଲିଆଙ୍କୁ ଧନ୍ୟବାଦ ଦିଆଯାଇଛି । ହସ୍ପିଟାଲ ପରିସର ସଭାରେ "ଆମେ କେତେଜଣ'ର ସମ୍ପାଦକ ଦିଲ୍ଲୀପ କୁମାର ଗିରିଙ୍କ ସଭାପତିତ୍ୱରେ "ସେବା ହିଁ ସେବା'ର ସଭାପତି ଅମର ସିଂ ୱାଲିଆ, ସଂସ୍ଥାର ମ୍ୟାନେଜର ବଳରାମ ଜ୍ୟୋତିଶ, ହସ୍ପିଟାଲ ଇନଚାର୍ଜ ଡାକ୍ତର ସଞ୍ଜିବ କୁମାର ପଣ୍ଡା, ବରିଷ୍ଠ ଡାକ୍ତର ବିନୋଦ କୁମାର ପ୍ରଧାନ, ସମାଜସେବୀ ଶିଶିର କୁମାର ହୁଇ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ ସମାଜସେବୀ ରାଜାରାମ କର ଶର୍ମା, ଶ୍ୟାମା ଚରଣ ଦାସ, ସୀତାଂଶୁ ସେନାପତି, ଖଗେନ୍ଦ୍ର ନାଥ ସାହୁ, ସାମ୍ବାଦିକ ସୁକୁମାର ରଣା, ଶରତ ପରିଡା, ଡ. ଲଳିତ ରଞ୍ଜନ ସେନାପତି, ଜୀବନ ପରିଡା, ଦୀପ୍ତିମାନ ଆଚାର୍ଯ୍ୟ, ରବୀନ୍ଦ୍ର ବାରିକ, ମମି ପଣ୍ଡା, ସବିତା ଭୂୟାଁ, ରାଜୀବ ଲୋଚନ ପଣ୍ଡା, ଭାସ୍କର ମିଶ୍ର, ପଲ୍ଟୁ ଦାସ, ଚନ୍ଦନ କାମିଲା, ଡକ୍ଟର ଅଜିତ ମହାନ୍ତି, ସାମ୍ବାଦିକ ସତ୍ୟବ୍ରତ ପ୍ରଧାନ, ମନୋଜ ଭୂୟାଁ, ମଞ୍ଜରୀ ଜେନା, ବନମାଳୀ ଜେନା, ଅଶୋକ ଜେନା, ହରିହର ପ୍ରଧାନ ପ୍ରମୁଖ ବକ୍ତବ୍ୟ ରଖି ଏଭଳି ଏକ ମହନୀୟ କାର୍ଯ୍ୟ ପାଇଁ ଖୁସିବ୍ୟକ୍ତ କରିଥିଲେ। ଶ୍ରୀମନ୍ତ ଘୋଷ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ବିଜ୍ଞାନଭିତ୍ତିକ ପୁସ୍ତକ 'ଅନାଲୋକିତ କୀର୍ତ୍ତିମାନ' ଉନ୍ମୋଚିତ

ବାଲେଶ୍ୱର, ୪।୬(ସମିସ):

ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦଙ୍କ ବିଜ୍ଞାନଭିତ୍ତିକ ପୁସ୍ତକ 'ଅନାଲୋକିତ କୀର୍ତ୍ତିମାନ'ର ଉନ୍ମୋଚନ ଉତ୍ସବ ମଙ୍ଗଳବାର ଦିନ ଚିଡିଆପୋଲସ୍ଥିତ ହୋଟେଲ ଲକି ଇଣ୍ଟରନ୍ୟାସନାଲରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଉପସ୍ଥିତ ଅତିଥିମାନଙ୍କ ଦ୍ୱାରା 'ଅନାଲୋକିତ କୀର୍ତ୍ତିମାନ' ପୁସ୍ତକ ଉନ୍ମୋଚିତ ହୋଇଥିଲା। ଏହି ଉତ୍ସବରେ ଫକୀରମୋହନ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଯୋଗ ଦେଇଥିଲେ। ସାହିତ୍ୟିକ ଓ ବୈଜ୍ଞାନିକ ମାନସ ଯେମିତି ଦେଖୁଛି ସେମିତି ଆମେ ଦେଖିପାରୁନେ। ସେଥିପାଇଁ ଡଃ.ନନ୍ଦ ଭିନ୍ନ। ସେ ପ୍ରକୃତିକୁ ଦେଖି ଏପରି ପୁସ୍ତକ ଲେଖିପାରିଛନ୍ତି। ବିଜ୍ଞାନକୁ ଓଡ଼ିଆରେ ଲେଖାଯିବା ଦରକାର। ଡ଼. ନନ୍ଦ ଯଦି ଏମିତି ଖଣ୍ଡେ ଖଣ୍ଡେ ପୁସ୍ତକ ଲେଖିବେ ତାହେଲେ ସମାଜ ପ୍ରତି ତାଙ୍କ ଅବଦାନ ଅଧିକ ରହିବ। ବିଶ୍ୱବିଦ୍ୟାଳୟ ପ୍ରତି ତାଙ୍କ ଅବଦାନ ମଧ ବହୁତ ଅଧିକ। ପିମ୍ପୁଡ଼ି, ମହୁମାଛି, ଉଈ, ଚଢ଼େଇ ଆଦି ବିଭିନ୍ନ ଜୀବଙ୍କୁ କିଏ ନଦେଖିଛି। ମାତ୍ର ଏସବୁକୁ ଦେଖି ଡ. ନନ୍ଦ ଅନୁଧ୍ୟାନ କରିବା ସହ ଏହା ଭିତରର ବୈଜ୍ଞାନିକ ଅନୁଶୀଳନ କରିଛନ୍ତି। ଯାହା ଆମ ତମ ଆଖିରେ ସମ୍ଭବ ନୁହେଁ। ବିଶିଷ୍ଟ ଗବେଷକ ଡଃ. ଶିରୀଶ ଚନ୍ଦ୍ର ଜେନା ଏହି କାର୍ଯ୍ୟକ୍ରମର ସଭାପତିତ୍ୱ କରି କହିଛନ୍ତି, ଉକ୍ତ ପୁସ୍ତକର ଶେଷ ଭାଗରେ ପ୍ରକୃତି ମାର ରକ୍ଷକ କଥା କୁହାଯାଇଛି ଏବଂ ପରିବେଶ ସନ୍ତୁଳନ ପାଇଁ ଜୀବ ରହିବା ନିହାତି ଆବଶ୍ୟକ। ବିଶେଷକରି ୧୮ ଟି ବିଷୟ ଉପରେ ଡଃ. ନନ୍ଦ ଏହି ପୁସ୍ତକରେ ଆଲୋଚନା କରିଛନ୍ତି। ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ପଦାର୍ଥ ବିଭାଗଧ ପ୍ରାଧ୍ୟାପକ ଡଃ. କମଳାକାନ୍ତ ଜେନା ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ପୁସ୍ତକ ବାବଦରେ ଅଭିଭାଷଣ ରଖିଥିଲେ। ସମ୍ମାନିତ ଅତିଥି ଭାବେ ଫକୀରମୋହନ ସାହିତ୍ୟ ପରିଷଦର ସମ୍ପାଦକ ଦୀପକ ବୋଷ ଯୋଗଦେଇ କହିଛନ୍ତି, ଆଜକୁ ସେ ୩୫ ଖଣ୍ଡ ବହି ସେ ଆମକୁ ଉପହାର ସହକାରେ ଦେଇସାରିଛନ୍ତି। ସେ ବିଭିନ୍ନ ବିଭାଗକୁ ନେଇ ବହି ଲେଖିଛନ୍ତି। ଭ୍ରମଣ କାହାଣୀ ମଧ ଲେଖିଛନ୍ତି। ଏହାପରେ ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦ ଲେଖକୀୟ ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଡ଼. ସାରଙ୍ଗଧର ତ୍ରିପାଠୀ ମଞ୍ଚ ଆବାହନ କରିଥିବା ବେଳେ ପ୍ରଫେସର ରଶ୍ମି ରେଖା ପତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଗୁରୁ ସତ୍ୟରଞ୍ଜନ ମହାନ୍ତି ଭଜନ ପରିବେଷଣ କରିଥିଲେ।




## ଈଶ୍ୱରପୁର ମେଡିକାଲ୍ ଲ୍ୟାବ୍ ଜଳିଗଲା

ନୀଳଗିରି, ୪।୬(ସମିସ): ନୀଳଗିରି ଉପଖଣ୍ଡ ଔପଦା ବ୍ଲକ ଅନ୍ତର୍ଗତ ଈଶ୍ୱରପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଲାବୋରେଟୋରୀରେ ବିଦ୍ୟୁତ ସର୍ଟସର୍କିଟ୍ ହେବାରୁ ଜଳିପୋଡି ପାଉଁଶ ହୋଇଯାଇଛି। ଘଟଣାଟି ଅପରାହ୍ନ ପ୍ରାୟ ୧.୩୦ ମିନିଟ ସମୟରେ ହୋଇଥିଲା । ଖବରପାଇ ସୋର ଅଗ୍ନିଶମ ସେବା ବିଭାଗ ଆସି ନିଆଁକୁ ଆୟତ୍ତ କରିଥିଲେ ହେଁ କମ୍ପ୍ୟୁଟର, ରକ୍ତ ପରୀକ୍ଷା ମେସିନ, କେମିକାଲ, ଗଡ଼ରେଜ ପ୍ରମୁଖ ଲକ୍ଷାଧିକ ଟଙ୍କାର ମୂଲ୍ୟବାନ ଯନ୍ତ୍ରାଂଶ ପୋଡି ନଷ୍ଟ ହୋଇଯାଇଛି ।




## ଟ୍ରେନରୁ ଖସିପଡି ଯୁବକ ଗୁରୁତର

ସୋର, ୪।୬(ସମିସ): ଆଜି ମଧ୍ୟାହ୍ନରେ ସୋର ରେଳ ଷ୍ଟେସନ ନିକଟରେ ଧଉଳି ଏକ୍ସପ୍ରେସରୁ ଖସି ପଡି ଜଣେ ଯୁବକ ଗୁରୁତର ଆହତ ହୋଇ ସୋର ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ରେମୁଣା ଥାନା ଦଧିବାମନ ନଗରର ଆନନ୍ଦ କୁମାର ଦାସ (୪୫) ଧଉଳି ଏକ୍ସପ୍ରେସ ଟ୍ରେନରେ ବାଲେଶ୍ୱରରୁ ଭଦ୍ରକ ଅଭିମୁଖେ ଯାଉଥିବାବେଳେ ସୋର ଷ୍ଟେସନର ଅନିତ ଦୂରରେ ଟ୍ରେନଟି ହଠାତ ବ୍ରେକ ମାରିବାରୁ ଆନନ୍ଦ ଟ୍ରେନରୁ ତଳକୁ ଖସିପଡିଥିଲେ। ଏହା ଦେଖି ସ୍ଥାନୀୟ ଲୋକେ ଓ ଆରପିଏଫ କର୍ମଚାରୀମାନେ ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ତାଙ୍କର ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଛନ୍ତି।





**ଆଜି ବିଶ୍ୱ ପରିବେଶ ଦିବସ**

# ଉତ୍ତମ ମୃତ୍ତିକା ଓ ବିଶୁଦ୍ଧ ଜଳ ପରିବେଶ ପାଇଁ ଗୁରୁତ୍ୱପୂର୍ଣ୍ଣ

ବାଲେଶ୍ୱର, ୪।୬(ସମିସ):




ସୁସ୍ଥ ପରିବେଶ ହେଉଛି ମାନବ ସମାଜର ଏକ ଅଙ୍ଗ ସଦୃଶ। ପରିବେଶକୁ ସୁନ୍ଦର ନିର୍ମଳ କରିବା ପାଇଁ ଜୁନ ୫ ତାରିଖକୁ ବିଶ୍ୱ ପରିବେଶ ଦିବସ ଭାବରେ ପାଳନ କରାଯାଉଛି। ଚଳିତ ବିଶ୍ୱ ପରିବେଶ ଦିବସର ପ୍ରସଙ୍ଗ ହେଉଛି "ଜମି ପୁନରୁଦ୍ଧାର, ମରୁଭୂମି, ମରୁଡି ସ୍ଥିରତା'। ଏହି ଦିନଟିକୁ ପାଳନ କରିବା ପଛରେ ଉଦ୍ଦେଶ୍ୟ ହେଉଛି ନଷ୍ଟ ହୋଇଯାଉଥିବା ଭୂମିକୁ ନଷ୍ଟ ହେବାରୁ ରକ୍ଷା କରିବା ଏବଂ ଜଳ ଅଭାବର ମୁକାବିଲା କରିବା। ଏହା ସହ ସୁସ୍ଥ ଓ ନିରାମୟ ଗ୍ରହ ପାଇଁ ଗଛ ଲଗାଇବା ଜରୁରୀ। ଉତ୍ତମ ମୃତ୍ତିକା ଏବଂ ବିଶୁଦ୍ଧ ଜଳ ପରିବେଶ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଅତ୍ୟଧିକ ମାତ୍ରାରେ କୃତ୍ରିମ ଜିନିଷ ବ୍ୟବହାର ଦ୍ୱାରା ଆମ ପରିବେଶ ନଷ୍ଟ ହେବାକୁ ବସିଲାଣି। ଦୁଇ ପିଢ଼ି ପଛ କୁ ଚାହିଁ ଦେଖିଲେ ଆମ ପରିବେଶ ଘଞ୍ଚ ସବୁଜ ସୁନ୍ଦର ଥିଲା ମାତ୍ର ଆଜି ର ପାରବେଶ କେମିତି ଅଛି ତା ଭିତରେ ଆକାଶ ପାତାଳ ଫରକ ପରିଲକ୍ଷିତ ହେଉଛି। ଆବଶ୍ୟକଠୁ ଅଧିକ ପ୍ଲାଷ୍ଟିକ ବ୍ୟବହାର ଦିନ କୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ମନୁଷ୍ୟ ନିଜର ସୁବିଧା କରିବା ପାଇଁ ଗଛ କାଟିବାରେ ଲାଗିଛି। ଏହା ଏକ ମୁଖ୍ୟ କାରକ ପାଲଟୁଛି ପରିବେଶକୁ କ୍ଷତି ପହଞ୍ଚାଇବାରେ। ଏକ ରିପୋର୍ଟରୁ ଜଣାପଡିଛି ଯେ କାଗଜ ତିଆରି କରିବା ପାଇଁ ଦୈନିକ ୨୦୦ ନିୟୁତରୁ ଅଧିକ ଗଛ କଟାଯାଏ। ଏହାର ଅର୍ଥ ହେଉଛି ପ୍ରତି ୨. ୫ ସେକେଣ୍ଡରେ ଗୋଟିଏ ଗଛ କଟାଯାଉଛି। ପ୍ରଥମେ ୧୯୭୩ ମସିହା ରେ ବିଶ୍ୱ ପରିବେଶ ଦିବସ ଆରମ୍ଭ ହୋଇଥିଲା। ଏହା ସାମୁଦ୍ରିକ ପ୍ରଦୂଷଣ, ଅଧିକ ଜନସଂଖ୍ୟା ଏବଂ ବିଶ୍ୱ ତାପମାତ୍ର ଏହି ଭଳି ଅନେକ ସମସ୍ୟା ପାଇଁ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଉଦେଶ୍ୟରେ ଏହି ଦିବସକୁ ପାଳନ କରିବା ଆରମ୍ଭ କରାଯାଇଥିଲା। ପ୍ଲାଷ୍ଟିକ ର ବହୁଳ ମାତ୍ରାରେ ବ୍ୟବହାର ମଧ୍ୟ ପରିବେଶକୁ ନଷ୍ଟ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ଏହି ବିଷୟ ରେ ଫକୀର ମୋହନ ବିଶ୍ୱବିଦ୍ୟାଳୟ ର ପରିବେଶ ବିଜ୍ଞାନ ବିଭାଗ ର ଅଧ୍ୟାପକା ପ୍ରଫେସର ସୂର୍ଯ୍ୟେନ୍ଦୁ କୁମାର ଦେ କୁହନ୍ତି କି, ମାଟି ହେଉଛି ଗଛର ଆଧାର। ମୃତ୍ତିକା ଯଦି ସୁସ୍ଥ ଥିବା ସେଥିରେ ଗଛ ହେବ ଉତ୍ତମ ଧାରଣର ଫସଲ ମଧ୍ୟ କରି ହେବ। ଏପଟେ ମୃତ୍ତିକାର ଅବକ୍ଷୟ ସାରା ବିଶ୍ୱରେ ବହୁଳ ମାତ୍ରାରେ ଘଟି ଯାଇଥିବାରୁ ଚାରା ଲଗାଇ ତାକୁ ଗଛରେ ପରିଣତ କରିବା କଷ୍ଟକର ହୋଇପଡୁଛି। ଯେଉଁ ସ୍ଥାନରେ ଚାଷଜମି ଅଛି ସେଠାରେ ଚାଷ ହୋଇପାରିଥାନ୍ତା। ଆମେ ମାନେ ସେଠାରେ କଳକାରଖାନ ରାସ୍ତା ତିଆରି କରିଦେଉଛୁ। ସେଥି ପାଇଁ ଚାଷ ଉପଯୋଗୀ ଜମି ଧୀରେ ଧୀରେ ଲୋପ ପାଇବାରେ ଲାଗିଛି। ଦ୍ୱିତୀୟ କଥା ହେଉଛି ଆମେ ଯେଉଁ ଚାଷ ଜମି ରେ ଚାଷ କରୁଛୁ ସେଥିରେ ରାସାୟନିକ ସାର ବହୁଳ ମାତ୍ରାରେ ବ୍ୟବହାର କରୁଛୁ। ଯାହା ଫଳରେ ପ୍ରାକୃତିକ ଉପାୟ ରେ ମାଟିର ଉର୍ବରତା ବୃଦ୍ଧି ହେବା ସ୍ଥାନ ରେ ନଷ୍ଟ ହେବାକୁ ବସିଲାଣି। ତେଣୁ ଏହି ବର୍ଷର ଯେଉଁ ପ୍ରସଙ୍ଗ ଅଛି ପ୍ରାକୃତିକ ଉପାୟରେ କିପରି ମାଟି ର ଉର୍ବରତା ବଜାୟ ରଖିବା। ପ୍ରାକୃତିକ ଖତ ସାର ପ୍ରୟୋଗ କରିବା ତାହା ଉପରେ ଗୁରୁତ୍ୱାରୋପ କରିବା ଆବଶ୍ୟକ। ଏହା ଛଡ଼ା ପ୍ରାକୃତିକ ଖତ ସାର ବ୍ୟବହାର କରି ଜମିକୁ ଚାଷ ଉପଯୋଗୀ ରଖିବା ନିତ୍ୟାନ୍ତ ଜରୁରୀ ବୋଲି କହିଛନ୍ତି ପ୍ରଫେସର ଦେ। ଏପଟେ ଯେଉଁ ସବୁ ପତିତ ଜମି ଅଛି ସେଥିରେ କେମିତି ବୃକ୍ଷ ରୋପଣ କରାଯାଇ ପାରିବ ସେଥି ପ୍ରତି ଦୃଷ୍ଟି ଦେବା ଆବଶ୍ୟକ। ଏହା ସହ ଯେଉଁ ଗଛ ଅଛି ତାକୁ ନ କାଟି କିପରି ବିକଳ୍ପ ଉପାୟରେ ପ୍ରଗତି କରିହେବ ସେଥି ପ୍ରତି ଦୃଷ୍ଟି ଦେବା ଜରୁରୀ। ପ୍ରତିଦିନ ଦେଶରେ ଲକ୍ଷାଧିକ ଗଛ କଟା ଯାଉଛି। ପ୍ରଫେସର ଦେ କୁହନ୍ତି କି ସରକାରଙ୍କ ର ବିଭିନ୍ନ ଯୋଜନା ମାଧ୍ୟମରେ ଅନେକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ କରାଯାଉଛି। ଏ ନେଇ ବୃକ୍ଷ ରୋପଣ ଯୋଜନା ଭଳି ବୃକ୍ଷ ରୋପଣ କରି ତାକୁ ବଞ୍ଚାଇବା ପାଇଁ ଯୋଜନା ହେବା ଆବଶ୍ୟକ। ଏହା ଛଡ଼ା ପ୍ରଫେସର ଦେ କୁହନ୍ତି କି ବହୁଳ ମାତ୍ରାରେ ବ୍ୟବହାର ହେଉଥିବା ପ୍ଲାଷ୍ଟିକ କୁ ଆମେ ସମ୍ପୂର୍ଣ ରୂପେ ନା କହିପାରିବା ନାହିଁ। ମାନବ ସମାଜ ସକାଳୁ ରାତି ପର୍ଯ୍ୟନ୍ତ ପ୍ଲାଷ୍ଟିକ ବ୍ୟବହାର ରେ ବୁଡି ରହୁଛନ୍ତି। ତେଣୁ ବର୍ତମାନର ସମସ୍ୟା ହେଉଛି କେବଳ ଥରେ ବ୍ୟବହାର ଯୋଗ୍ୟ ହେଉଥିବା ପ୍ଲାଷ୍ଟିକ ପରିବେଶ ପାଇଁ ଅଧିକ ସମସ୍ୟା ସୃଷ୍ଟି କରୁଛି। ସେଥିପାଇଁ କେବଳ ଥରେ ବ୍ୟବହାର ହେଉଥିବେ ପ୍ଲାଷ୍ଟିକକୁ ଆମେ ବ୍ୟବହାର କରିବା ନାହିଁ। ତେଣୁ ବଜାରକୁ ଗଲା ବେଳେ ସାଙ୍ଗରେ ବ୍ୟାଗ ନେଇକି ଯିବା ଆବଶ୍ୟକ ଜିନିଷ କିଣିବା ପାଇଁ। ଏପଟେ ଘରେ କିମ୍ବା ରାସ୍ତା ଘାଟ ରେ ପଡି ରହୁଥିବା ପ୍ଲାଷ୍ଟିକ ର ଯଦି ପୁନଃ ପ୍ରକ୍ରିୟାକାରଣ କରାଯାଇପାରିବ ତାହା ପରିବେଶ ପାଇଁ ବେଶ ଲାଭପ୍ରଦ ସାବ୍ୟସ୍ତ ହେବ। ଏକ ବଡ଼ ସମସ୍ୟା ଉପୁଜିଲାଣି ଯେ ପ୍ଲାଷ୍ଟିକ ଜରି ପଲିଥିନି ଗୁଡିକ ପାଣିରେ ପଡିରହି ବିଘଟିତ ହୋଇ ମାଇକ୍ରୋ ପ୍ଲାଷ୍ଟିକ ରେ ପରିଣତ ହୋଇଯାଉଛି। ସେହି ପାଣି ଆମ ଶରୀର ଭିତରକୁ ପ୍ରବେଶ କରି ବିଭିନ୍ନ ପ୍ରକାରର ରୋଗ ସୃଷ୍ଟି କରୁଛି। ଏହି ସମସ୍ୟାର ସମାଧନ ପାଇଁ ଏକ ଉପାୟ ହେଉଛି କେବଳ ଥରେ ବ୍ୟବହାର ହେଉଥିବେ ପ୍ଲାଷ୍ଟିକର ବ୍ୟବହାର ଉପରେ ରୋକ ଲଗାଇବା। ଯଦିବା ବ୍ୟବହାର କରାଯାଉଛି ତାହେଲେ ଏଠି ସେଠି ନପକାଇ ଜରି ଗୋଟାଳି ମାନଙ୍କୁ ଦେଇଦେବା। ଯେପର୍ଯ୍ୟନ୍ତ ଜନ ସଚେତନ ନ ହୋଇଛନ୍ତି ସେ ପର୍ଯ୍ୟନ୍ତ ସୁସ୍ଥ ଓ ନିରାମୟ ପରିବେଶ ସୃଷ୍ଟି ହେବା କଷ୍ଟକର ବୋଲି କହିଛନ୍ତି ପ୍ରଫେସର ଦେ।

## ସୋରରେ ବିଜେଡି ପ୍ରାର୍ଥୀଙ୍କ ବାଜିମାତ୍

ସୋର, ୪।୬(ସମିସ): ଚଳିତ ସାଧାରଣ ନିର୍ବାଚନରେ ସୋର ବିଜେଡି ପ୍ରାର୍ଥୀ ମାଧବ ଧଡ଼ା ୮୭୪ ଖଣ୍ଡ ଭୋଟରେ ବିଜୟୀ ହୋଇଛନ୍ତି। ଏହି ନିର୍ବାଚନରେ ସୋର ନିର୍ବାଚନ ମଣ୍ଡଳୀରୁ ମୋଟ ୮ ଜଣ ପ୍ରାର୍ଥୀ ନିର୍ବାଚନ ମୈଦାନରେ ଅବତୀର୍ଣ୍ଣ ହୋଇଥିଲେ। ବିଜେଡି ପ୍ରାର୍ଥୀ ମାଧବ ଧଡ଼ା ୬୩୩୫୫ ଖଣ୍ଡ ଭୋଟ ପାଇଥିବା ବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ବିଜେପି ପ୍ରାର୍ଥୀ ପର୍ଶୁରାମ ଧଡ଼ା ୬୨୪୮୧ ଖଣ୍ଡ ଭୋଟ ପାଇଥିଲେ। ସେହିପରି କଂଗ୍ରେସ ପ୍ରାର୍ଥୀ ସୁବ୍ରତ କୁମାର ଧଡ଼ା ୩୧୯୭୩ ଖଣ୍ଡ, ସ୍ୱାଧୀନ ପ୍ରାର୍ଥୀ ରାକେଶ ମଳିକ ୨୫୫୪ ଖଣ୍ଡ, ଶିବାନୀ ଶଙ୍କର ରାୟ ୨୫୦ ଖଣ୍ଡ, ବହୁଜନ ସମାଜବାଦୀ ପାର୍ଟି ଜିତେନ୍ଦ୍ର ସେଠୀ ୨୫୭ ଖଣ୍ଡ, ସ୍ୱାଧୀନ ପ୍ରାର୍ଥୀ ଅକ୍ଷୟ କୁମାର ଜେନା ୨୮୯ ଖଣ୍ଡ, ଅନ୍ୟତମ ସ୍ୱାଧୀନ ପ୍ରାର୍ଥୀ କାଶୀନାଥ ଦାସ ୨୫୬ ଖଣ୍ଡ ଭୋଟ ପାଇଥିବା ବେଳେ ନୋଟାରେ ୬୪୮ ଖଣ୍ଡ ଭୋଟ ପଡିଛି। ତେବେ ମୋଟାମୋଟି ଭାବେ ବିଜେଡି ପ୍ରାର୍ଥୀ ମାଧବ ଧଡ଼ା ୮୭୪ ଖଣ୍ଡ ଭୋଟରେ ବିଜୟୀ ହୋଇଛନ୍ତି।

# ଜମିଲାଣି ସାବିତ୍ରୀ ବଜାର



ବାଲେଶ୍ୱର, ୪।୬(ସମିସ): ସାବିତ୍ରୀ ବ୍ରତକୁ ଦିନ କେଇଟା ଥିବାରୁ ବଜାରରେ ଗହଳି ଜମିଲାଣି। ଆଗକୁ ରହିଛି ରଜ। ଏଥିପାଇଁ ଚଳଚଞ୍ଚଳ ହୋଇ ଉଠିଲାଣି ବାଲେଶ୍ୱର ସହରର ବିଭିନ୍ନ ହାଟ ବଜାର। ଏପଟେ ସାବିତ୍ରୀ ପୂଜା ଓ ରଜକୁ ଦୃଷ୍ଟିରେ ରଖି ସପିଙ୍ଗ ମଲ ସହ ଶାଢ଼ୀ ଦୋକାନରେ ମଧ୍ୟ ଅଫର ଆରମ୍ଭ ହୋଇଗଲାଣି। ଏନେଇ ବାଲେଶ୍ୱର ଫଳ ବଜାର ରେ ସାବିତ୍ରୀ ଓ ରଜ ପାଇଁ ଫଳ ମଧ୍ୟ ଟିକେ ଉଚ୍ଚା ଦରରେ ବିକ୍ରି ହେବାକୁ ଲାଗିଲାନି। ଶାଢ଼ୀ ଦୋକାନୀଙ୍କୁ ମଧ୍ୟ ବିକ୍ରିରୁ ଫୁରୁସତ ମିଳୁନି। ସହରରେ ଥିବା ସିଲେଇ ଦୋକାନୀକୁ ୧୫ ଦିନଠୁ ବି ଅଧିକ ଦିନ ହୋଇଯିବ ସିଲେଇ ପାଇଁ ବରାଦ ଦିଆ ସାରିଲାଣି। ସାବିତ୍ରୀ ବ୍ରତ ପାଖେଇ ଆସିବାରୁ ଏବେ ବେଶ ଭିଡ଼ ଦେଖା ଦେଉଛି ସିଲେଇ ଦୋକାନରେ। ସାବିତ୍ରୀ ପୂଜାରେ ଆବଶ୍ୟକ ହେଉଥିବେ ନାଳି ଚୁଡି, ସିନ୍ଦୁର, ପାନିହା, ବ୍ରତ, ଅଳତା, କଳା ମାଳି କୁ ପ୍ୟାକେଟ କରିବାରେ ବ୍ୟସ୍ତ ହୋଇଗଲେଇ ରାସ୍ତା କଡା ବ୍ୟବସାୟୀ ମାନେ। ସାବିତ୍ରୀ ବ୍ରତ ପରେ ଦିନ କେଇଟା ଛାଡିଦେଲେ ଆଗକୁ ରଜ ପର୍ବ ଥିବାରୁ ଦୋକାନୀ ଭଲ ବ୍ୟବସାୟ ହେବ ନେଇ ରିହାତି ଦେବା ଆରମ୍ଭ କରିଦେଲେଣି। ଏପଟେ କିଣାକିଣି ପାଇଁ ମହିଳା ମାନେ ବେଶ ଭିଡ଼ ଜମଉଛନ୍ତି ବଜାର ରେ। ସାବିତ୍ରୀ ବ୍ରତ ପେଡିରେ ସଜା ହୁଏ ନାଳି ଚୁଡି, ସିନ୍ଦୁର, ଅଳତା, କୁକୁମ, କଜଳ, କଳା ମାଳି, ସାବିତ୍ରୀ ବ୍ରତ, ଗୁଆ, କତୁରୀ, ପାନିହା, ଦର୍ପଣ ଇତ୍ୟାଦିକୁ ବେପାରୀମାନେ ପୁଟୁଳି କରି ଏବେ ଫାଣ୍ଡି ଛକରେ ବିକ୍ରି ଆରମ୍ଭ କରିଦେଲେଣି। ଫାଣ୍ଡି ଛକରେ ସାବିତ୍ରୀ ସାମଗ୍ରୀ ବିକ୍ରି କରୁଥିବା ବିଟୁ କହିଛନ୍ତି ମୁଁ ପ୍ରତି ବର୍ଷ ମୋତିଗାଞ୍ଜାରୁ ଆସି ଫାଣ୍ଡି ଛକରେ ସାବିତ୍ରୀ ସାମଗ୍ରୀ କରେ। ସାବିତ୍ରୀ ପୂଜା ରେ ବ୍ୟବହାର ହେଉଥିବା ସମସ୍ତ ସାମଗ୍ରୀ କୁ ଲୋକଙ୍କୁ କିଣିବାକୁ ସୁବିଧା ହେବ ବୋଲି ପୁଟୁଳା କରି ବିକ୍ରି କରୁଛି। ଏହା ଛଡ଼ା ଯେଉଁ ଲୋକ ଗୋଟା ହିସାବରେ ମଧ୍ୟ କିଣିବାକୁ ଚାହୁଁଛନ୍ତି ତାହା ମଧ୍ୟ ଦେଉଛି। ପୂଜାରେ ଲାଗୁଥିବା ପୁଟୁଳାର ଦାମ ୧୨୦ ଟଙ୍କାରୁ ୧୫୦ ଟଙ୍କାରେ ମିଳୁଥିବା ବେଳେ ପ୍ରତ୍ୟେକ ଜିନିଷ ଗୋଟା ହିସାବରେ କିଣିଲେ ଗୋଟା ୨୦ ଟଙ୍କା ରୁ ୩୦ ରେ ମିଳିଯିବ। ବିଟୁ କହନ୍ତି କି ୨୦ ହଜାର ଟଙ୍କାର ଜିନିଷ କିଣି ଦିନ ୫ ଟା ସକାଳ ୭ ଟା ରୁ ରାତି ୯ ଟା ପର୍ଯ୍ୟନ୍ତ ବିକ୍ରି କରିଦେଲେ ଲାଭ ୮ ହଜାର ଟଙ୍କାରୁ ୧୦ ଟଙ୍କା ବାହାରିପଡ଼େ। ସେହିପରି ସାବିତ୍ରୀ ପାଇଁ ଫଳ ଦୋକାନରେ ଭିଡ଼ ଲାଗିଲାଣୀ। ବାଲେଶ୍ୱର ଫଳ ବଜାରକୁ ଆସିଗଲାଣି ସାବିତ୍ରୀ ବ୍ରତ ରେ ପୂଜା ହେଉଥିବା ବିଭିନ୍ନ ପ୍ରକାରର ଫଳ। ଅର୍ଥାତ କେବଳ ସାବିତ୍ରୀ ରୁ ରଜ ପର୍ଯ୍ୟନ୍ତ ବିକ୍ରି ହେଉଥିବା ବିଭିନ୍ନ ପ୍ରକାର ର ଫଳ। ଆମ୍ବ, ପଣସ, ଖଜୁରୀ, ଲିଚୁ, ସପୁରି ପଣସ, ଚେରି କୋଲି, ଡାଳିମ୍ବ, କମଳା, ଅଙ୍ଗୁରୁ, ସେଓ, ସାପେଠା, ପିଜୁଳି, ଅଷ୍ଟ୍ରେଲିଆନ ଅଙ୍ଗୁରୁ ଏପରି ଅନେକ ଫଳ ପୂଜାରେ ଲାଗେ। ଏଥି ପାଇଁ ଦୋକାନୀ ମାନେ ମଧ୍ୟ ପର୍ଯ୍ୟପ୍ତ ପରିମାଣରେ ଫଳ କିଣି ଦୋକନ ରେ ରଖିଲେଣି। ଫଳ ଦୋକାନୀ ଶମ୍ଭୁ କହିଛନ୍ତି ସାବିତ୍ରୀ ପାଇଁ ଫଳ ଦାମ କିଲୋ ପିଛା ଲିଚୁ ୧୨୦ ଟଙ୍କା, ଅଷ୍ଟ୍ରେଲିଆନ ଅଙ୍ଗୁରୁ ୧୮୦ ଟଙ୍କା, ଡାଳିମ୍ବ ୧୮୦ ଟଙ୍କା, ସେଉ ୨୨୦ ଟଙ୍କା, ଆମ୍ବ ୧୦୦ରୁ ୧୫୦ ଟଙ୍କା, କମଳା ୧୮୦ ଟଙ୍କା, ସପୁରି ପଣସ ୫୦ ଟଙ୍କା ଏହି ଭଳି ରହିଛି। ସାବିତ୍ରୀ ସହ ରଜ ଥିବାରୁ ବଜାର ରେ ଟିକେ ଚଢ଼ା ଦର ରେ ଫଳ ବିକ୍ରି ହେଉଛି ଏହା ସହ ବ୍ୟବସାୟ ମଧ୍ୟ ଭଲ ହେଉଛି ବୋଲି କହିଛନ୍ତି ଫଳ ଦୋକାନୀ ଶମ୍ଭୁ।

# ନୀଳଗିରିରେ ସନ୍ତୋଷ ଖଟୁଆ ବିଜୟୀ



**● ଶାନ୍ତିଶୃଙ୍ଖଳାରେ ସରିଲା ଭୋଟ ଗଣତି**

ନୀଳଗିରି, ୪।୬(ସମିସ): ବାଲେଶ୍ୱର ଜିଲ୍ଲା ନୀଳଗିରି ନିର୍ବାଚନ ମଣ୍ଡଳୀ ବିଧାନସଭା ଆସନରୁ ବିଜେପି ଦଳର ପ୍ରାର୍ଥୀ ସନ୍ତୋଷ ଖଟୁଆ ବିଜେଡିର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡି ପ୍ରାର୍ଥୀ ଇଂ ସୁକାନ୍ତ କୁମାର ନାୟକଙ୍କୁ ୧୯ ହଜାର ୮୩୯ଟି ଭୋଟ ବ୍ୟବଧାନରେ ପରାସ୍ତ କରି ଜୟଯୁକ୍ତ ହୋଇ ବାଜି ମାରିନେଇଛନ୍ତି। ସନ୍ତୋଷ ଖଟୁଆ ସର୍ବମୋଟ ୮୭ ହଜାର ୯୨୯ ଖଣ୍ଡ ଭୋଟ ପାଇଥିବା ବେଳେ ସୁକାନ୍ତ ନାୟକ ୬୮ ହଜାର ୦୮୯ ଖଣ୍ଡ ଭୋଟ ପାଇଛନ୍ତି । ଉକ୍ତ ଆସନରୁ ସମୁଦାୟ ୭ ଜଣ ବିଧାୟକ ପ୍ରାର୍ଥୀ ବିଧାନସଭା ଆସନରୁ ଲଢ଼ିଥିବା ବେଳେ କଂଗ୍ରେସରୁ ଅକ୍ଷୟ କୁମାର ଆଚାର୍ଯ୍ୟ ସମୁଦାୟ ୮୨୧୬ ଖଣ୍ଡ ଭୋଟ, ବାମପନ୍ଥୀ ଦଳରୁ ଯୋଗାନନ୍ଦ ଦାଶ ସମୁଦାୟ ୧୪୨୦ ଖଣ୍ଡ ଭୋଟ, ସିପିଆଇ ଦଳରୁ ଆଇନଜୀବୀ ଅଜୟ କୁମାର ପଟ୍ଟନାୟକ ସମୁଦାୟ ୧୩୫୮ ଖଣ୍ଡ ଭୋଟ, ସମୃଦ୍ଧ ଓଡିଶା ଦଳରୁ ଅରୁଣ କୁମାର ବାରିକ ସମୁଦାୟ ୨୪୦ ଖଣ୍ଡ ଭୋଟ, ଜାତୀୟ ଅପନୀ ପାର୍ଟିରୁ ଗଙ୍ଗାଧର ନାୟକ ସମୁଦାୟ ୨୬୪ ଖଣ୍ଡ ଭୋଟ ପାଇଥିଲେ। ନୋଟା କୁ ୯୩୮ ଖଣ୍ଡ ଭୋଟ ଆସିଥିଲା। ସମୁଦାୟ ୨ ଲକ୍ଷ ୧୬ ହଜର ୧୫୬ ଜଣ ମତଦାତାଙ୍କ ମଧ୍ୟରୁ ୧ ଲକ୍ଷ ୬୮ ହଜାର ୪୫୪ ଭୋଟର ମତଦାନ କରିଥିଲେ ଯାହା ଭୋଟ ହାର ୭୭. ୫୬ଧପ୍ରତିଶତ ହୋଇଥିଲା । ବିଜୟକୁ ନେଇ ବିଜେପି ଶିବିରରେ ନେତା ଓ କର୍ମୀ ମାନେ ବାଣ ଫୁଟାଇ, ମିଷ୍ଟାନ ବଣ୍ଟନ କରି ଧୂମଧାମ ରେ ପାଳନ କରିଛନ୍ତି । ବାଲେଶ୍ୱର ସଂସଦୀୟ କ୍ଷେତ୍ରରେ ପ୍ରମୁଖ ରାଜନୈତିକ ଦଳ ମଧ୍ୟରେ ନୀଳଗିରି ନିର୍ବାଚନ ମଣ୍ଡଳୀରେ ବିଜେଡିରୁ ଲେଖାଶ୍ରୀ ସାମନ୍ତ ସିଂହାର ୫୫ ହଜାର ୬୦୨ ଖଣ୍ଡ ଭୋଟ ପାଇଥିବା ବେଳେ ବିଜେପିରୁ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ସର୍ବାଧିକ ୮୯ ହଜାର ୨୦୨ ଖଣ୍ଡ ଭୋଟ, କଂଗ୍ରେସରୁ ଶ୍ରୀକାନ୍ତ କୁମାର ଜେନା ସର୍ବାଧିକ ୧୯ ହଜାର ୫୪୨ ଖଣ୍ଡ ଭୋଟ ପାଇଛନ୍ତି । ଶାନ୍ତି ଶୃଙ୍ଖଳାକୁ ଦୃଷ୍ଟିରେ ରଖି ବ୍ୟାପକ ପୁଲିସ ଫୋର୍ସ ମୁତୟନ କରାଯାଇ ଥିବା ବେଳେ ଶାନ୍ତି ଶୃଙ୍ଖଳାରେ ଗଣତି ଶେଷ ହୋଇଥିଲା। ବିଭିନ୍ନ ପଦାଧିକାରୀ, ନିର୍ବାଚନ ପର୍ଯ୍ୟବେକ୍ଷକ ଆର ଜନନୀ ସୁନ୍ଦର ରାୟ, ନୀଳଗିରି ନିର୍ବାଚନ ଅଧିକାରୀ ତଥା ଉପଜିଲ୍ଲାପାଳ ମନ୍ଦରଧର ମହାଳିକ, ଦୁଇ ସହକାରୀ ନିର୍ବାଚନ ଅଧିକାରୀ ତଥା ତହସିଲଦାର ଦିପ୍ତିମୟୀ ବେହେରା, ସୁଶ୍ରୀ ମିତାଲି ମଧୁଛନ୍ଦା ପାତ୍ର, ନୀଳଗିରି ବିଡ଼ିଓ, ଦୁଇ ଡେପୁଟି କଲେକ୍ଟର ଈଶ୍ୱରଚନ୍ଦ୍ର ରଣା, ରଞ୍ଜନ କୁମାର ସେନାପତି, ମାଇକ୍ରୋ ଅବଜର୍ଭର, ନୀଳଗିରି ମେଡିକାଲ ଟିମ, ଦମକଳ ବାହିନୀ, ଗଣମାଧ୍ୟମ ପ୍ରତିନିଧି ଏହି ନିର୍ବାଚନ ମହାପର୍ବରେ ସହଯୋଗ କରିଥିଲେ।

## ଉତ୍କଳ ବାଳାଶ୍ରମ ଅନ୍ତେବାସୀଙ୍କୁ ଶିକ୍ଷଣୀୟ କାର୍ଯ୍ୟକ୍ରମ

ବାଲେଶ୍ୱର, ୪।୬(ସମିସ): ସ୍ଥାନୀୟ ସହଦେବଖୁଣ୍ଟାସ୍ଥିତ ଉତ୍କଳ ବାଳାଶ୍ରମରେ ପିଲାମାନଙ୍କୁ ଆର୍ଟ ବେସ୍ କାଉନସେଲିଂ ପ୍ରଦାନ କରାଯାଉଛି। ଏକ ମାସ ଧରି ବାଳାଶ୍ରମର ଇ-ଲାଇବ୍ରେରୀରେ ଏହି କାଉନସେଲିଂ କାର୍ଯ୍ୟକ୍ରମ ଚାଲୁଅଛି। ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ସୁପରିଟେଣ୍ଡେଣ୍ଟ ସୁବ୍ରତ ମହାପାତ୍ର ସୂଚନା ଦେଇଛନ୍ତି। ଉତ୍କଳ ବାଳାଶ୍ରମରେ ବର୍ତ୍ତମାନ ୧୧୦ ଜଣ ପିଲା ରହୁଛନ୍ତି। ପାଠ ପଢିବା ସହ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ମଧ୍ୟ ଏମାନଙ୍କ ଭିତରେ ରହିଛି। ତେବେ ଏହି ଖରା ଛୁଟି ପାଇଁ ଅନେକ ପିଲା ନିଜ ଘରକୁ ଯାଇଛନ୍ତି। ହେଲେ ଅନେକ ପିଲାମାନଙ୍କର କେହି ନଥିବା ବେଳେ ସେମାନେ ଉତ୍କଳ ବାଳାଶ୍ରମରେ ରହିଛନ୍ତି। ସେମାନଙ୍କ ପାଇଁ ବାଳାଶ୍ରମ ପରିସରରେ ଆର୍ଟ ବେସ୍ କାଉନସେଲିଂ କାର୍ଯ୍ୟକ୍ରମ କରାଯାଉଛି। କାଉନସିଲର ମେଘନା ମହାନ୍ତି ଓ ସ୍ୱପ୍ନେଶ୍ୱର ହେମ୍ବ୍ରମ ସେମାନଙ୍କୁ କାଉନସେଲିଂ କରୁଛନ୍ତି। ଏହି ଅଧିବେଶନ-୨ରେ ଗୀତ, ନାଚ, ମେଡିଟେସନ୍, ଆର୍ଟ, ଷ୍ଟୋରି ଟେଲିଂ ଆଦି ୧୦ ବର୍ଷରୁ ଅଧିକ ବୟସର ୪୦ ପିଲାଙ୍କୁ ଦିଆଯାଉଛି। ପ୍ରତିଦିନ ଦୁଇ ଘଣ୍ଟା ପିଲାମାନଙ୍କୁ ବିଦ୍ୟାଳୟରେ ପରିବାର ପରି ପରିବେଶ ସୃଷ୍ଟି ପାଇଁ ପ୍ରୟାସ କରାଯାଉଛି। ଏହାବ୍ୟତୀତ ଜୀବନ ଶୈଳୀ ଉପରେ ମଧ୍ୟ ପିଲାମାନଙ୍କୁ ଶିକ୍ଷଣୀୟ କାର୍ଯ୍ୟକ୍ରମ କରାଯାଉଛି। ଏଲଇଡି ମାଧ୍ୟମରେ ବିଭିନ୍ନ ଶିକ୍ଷଣୀୟ କଥା ମଧ୍ୟ ସେମାନଙ୍କୁ ଦେଖିବାକୁ ଦିଆଯାଉଛି। ଖେଳକୁଦ ସହ ଏହି ୪୦ ପିଲାଙ୍କର ଖରା ଛୁଟି ଉତ୍କଳ ବାଳାଶ୍ରମ ଭିତରେ କଟୁଛି। ଯାହା ଘରେ ରହିବାରୁ ଅନୁଭୂତି ପ୍ରଦାନ କରୁଛି।



# ପାଇପ୍ ଫାଟି ନାଳକୁ ବୋହିଯାଉଛି ପିଇବା ପାଣି

ବାଲେଶ୍ୱର, ୪।୬(ସମିସ):



● ବିଭାଗୀୟ ଅଧିକାରୀ ଜାଣିବି ନିରବ

ପାଇପ ଲାଇନ ଫାଟିଯାଇ ପାଣି ବୋହି ଯାଉଛି। ସ୍ଥାନୀୟ ପରିବାର ଗୁଡିକ ଆବଶ୍ୟକ ଅନୁଯାୟୀ ପାନୀୟ ଜଳ ପାଉ ନାହାଁନ୍ତି। ଜନସ୍ୱାସ୍ଥ୍ୟ ବିଭାଗୀୟଅଧିକାରୀ ଏ ବାବଦରେ ଜାଣି ଥିଲେ ବି, ଫାଟି ଯାଇଥିବା ପାଇପ ବଦଳାଇ, ସେହି ସ୍ଥାନରେ ନୂତନ ପାଇପ ଲଗାଇବା ବ୍ୟବସ୍ଥା କରୁନଥିବା ଅଭିଯୋଗ ହେଉଛି। ବାଲେଶ୍ୱର ପୌରପାଳିକା ଅନ୍ତର୍ଗତ ଅଠର ନମ୍ବର ୱାର୍ଡର ସାରଥୀ ସଂଘ ହନୁମାନ ମନ୍ଦିର ନିକଟରେ ଗତ ଆଠ ଦଶ ଦିନ ଧରି ପାଇପ ଲାଇନ ଫାଟି ଯାଇ ଡ୍ରେନକୁ ପାଣି ବହି ଯାଉଛି। ସ୍ଥାନୀୟ ଅଞ୍ଚଳର ପରିବାର ଗୁଡିକୁ ପୂର୍ବରୁ ଯେମିତି ପାନୀୟ ଜଳ ଯାଉଥିଲା, ପାଇପ ଫାଟିଯାଇ ପାଣି ବାହାରି ଯିବା ପରେ ଆଉ ପୂର୍ବ ଭଳି ପାନୀୟ ଜଳ ସମ୍ପୃକ୍ତ ପରିବାର ଗୁଡିକୁ ଯାଉ ନ ଥିବା ଅଭିଯୋଗ ହେଉଛି। ପାଇପ ଫାଟି ଯାଇଥିବା ବାବଦରେ ସ୍ଥାନୀୟ ଲୋକଙ୍କ ପକ୍ଷରୁ ଜନ ସ୍ୱାସ୍ଥ୍ୟ ବିଭାଗକୁ ଜଣାଇ ଥିଲେ। ହେଲେ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଲୋକଙ୍କ ଅଭିଯୋଗ ପାଇ ମଧ୍ୟ ଫାଟି ଯାଇଥିବା ସ୍ଥାନରେ ନୂଆ ପାଇପ ଯୋଡିବା ପୂର୍ବକ ମରାମତି କରୁ ନାହାନ୍ତି। ଏ ବାବଦରେ ଜନ ସ୍ୱାସ୍ଥ୍ୟ ବିଭାଗର ଯନ୍ତ୍ରୀ ହୀରାଲାଲ ବାବୁଙ୍କୁ ତାଙ୍କ ମୋବାଇଲ ଫୋନରେ ଯୋଗାଯୋଗ କରିବାରୁ ସେ କହିଲେ, ଆମକୁ ଖବର ମିଳିଛି। ଆସନ୍ତା ଦିନେ ଦୁଇ ଦିନ ମଧ୍ୟରେ ନୂଆ ପାଇପ ସେଠାରେ ଲଗାଇ ଦିଆଯିବ ବୋଲି ଯନ୍ତ୍ରୀ କହିଛନ୍ତି। ଏହା ମଧ୍ୟରେ କିଛିଦିନ ବିତି ଯାଇଥିଲେବି, ଫାଟି ଯାଇଥିବା ପାଇପ ବଦଳାଇ ନୂଆ ପାଇପ ଯୋଡ଼ାଯାଇ ନାହିଁ। ଜନସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ଓ କର୍ମଚାରୀ ମାନଙ୍କ ମଧ୍ୟରେ କର୍ମ ତତ୍ପରତା ନଥିବା ଯୋଗୁ ଏହିଭଳି ସହରର ଭିନ୍ନଭିନ୍ନ ସ୍ଥାନରେ ପାନୀୟ ଜଳର ସମସ୍ୟା ଦେଖାଦେଉଛି। ସାରଥୀ ସଂଘ ହନୁମାନ ମନ୍ଦିରଠାରେ ଫାଟି ଯାଇଥିବା ପାଇପରୁ ପାଣି ନାଳକୁ ବୋହିଯିବା ଏବଂ ଖବର ପାଇବି ବିଭାଗ ପକ୍ଷରୁ ନୂଆ ପାଇପ ଯଥା ଶୀଘ୍ର ସଂଯୋଗ କରାଯାଉ ନଥିବାନେଇ ସ୍ଥାନୀୟ ଅଞ୍ଚଳରେ ଜନ ଅସନ୍ତୋଷ ପ୍ରକାଶ ପାଉଛି।

### ପାନୀୟ ଜଳ ସମସ୍ୟା ନେଇ ତାତିଲେ ଗ୍ରାମବାସୀ

# ଉଦଳା-ବାରିପଦା ରାଜ୍ୟ ରାଜପଥ ଅବରୋଧ



**ବାରିପଦା, ୪।୬(ସମିସ)**

ପାନୀୟ ଜଳ ଯୋଗାଣ ସମସ୍ୟା ନେଇ ବହୁ ଅଭିଯୋଗ ପରେ ବି ସମାଧାନ ନ ହେବାରୁ ମଙ୍ଗଳବାର ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇବା ସହିତ ରାସ୍ତା ଅବରୋଧ କରିଥିଲେ। ବାରିପଦା-ଉଦଳା ରାଜ୍ୟ ରାଜପଥ ୧୯ନଂ. ପୋଡାଅସ୍ତିଆ ଛକ ନିକଟରେ ଗ୍ରାମବାସୀ ଦୀର୍ଘ ୪ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ରାସ୍ତା ଅବରୋଧ କରିବାରୁ ଲୋକେ ନାହିଁ ନ ଥିବାର ସମ୍ମୁଖୀନ ହୋଇଛନ୍ତି। ଫଳରେ ରାଜ୍ୟ ରାଜପଥର ଉଭୟ ପାର୍ଶ୍ୱରେ ଶହ ଶହ ଯାନବାହନ ଅଟକି ରହିଥିଲା। ଅଭିଯୋଗ ମୁତାବକ, ଶ୍ୟାମଖୁଣ୍ଟା ବ୍ଲକ ଅନ୍ତର୍ଗତ ପୋଡାଅସ୍ତିଆ ଗ୍ରାମପଞ୍ଚାୟତର ବିଭିନ୍ନ ୱାର୍ଡରେ ଦୀର୍ଘଦିନ ହେଲା ପାନୀୟ ଜଳ ଯୋଗାଣ ସମସ୍ୟା ଦେଖାଦେଇଛି। ସ୍ଥାନୀୟ ବାସିନ୍ଦା ଏକ ନଳକୂପ ଉପରେ ଲୋକେ ନିର୍ଭର କରନ୍ତି। ହେଲେ କିଛି ଦିନ ହେବ ନଳକୂପଟି ଅଚଳ ହୋଇରହିଛି। ଏ ନେଇ ଲୋକେ ବାରମ୍ବାର ଅଭିଯୋଗ କଲେ ବି କୌଣସି ଫଳ ମିଳିଲାନାହିଁ। ଫଳରେ ପାଣି ପାଇଁ ଗ୍ରାମବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସମସ୍ୟାର ସମାଧାନ ପାଇଁ ସ୍ଥାନୀୟ ଜନ ପ୍ରତିନିଧିଙ୍କଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ଅଧିକାରୀଙ୍କୁ ଗୁହାରି ଜଣାଇଥିଲେ। ତେବେ ଏହାର କୋଣସି ସୁଫଳ ହେବା ପରିବର୍ତ୍ତେ ସମସ୍ୟା ଆହୁରି ଜଟିଳ ହୋଇଥିଲା। ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ଦାବି କରି ମଙ୍ଗଳବାର ସକାଳ ୭ଟାରୁ ପୂର୍ବାହ୍ନ ସାଢେ ୧୧ଟା ଯାଏ ପୋଡା ଅସ୍ତିଆ ଛକରେ ରାସ୍ତା ଅବରୋଧ କରିଥିଲେ ଗ୍ରାମବାସୀ। ଘଟଣାସ୍ଥଳରେ ସ୍ଥାନୀୟ ଅଞ୍ଚଳର ମହିଳା ଓ ପୁରୁଷ ଏକତ୍ରିତ ହୋଇ ରାସ୍ତାରୋକ କରିଥିଲେ। ଏ ନେଇ ଅଞ୍ଚଳରେ ମଧ୍ୟ ଉତ୍ତେଜନା ଦେଖାଦେଇଥିଲା। ଯଥାଶୀଘ୍ର ପାଣି ସମସ୍ୟାର ସମାଧାନ ନହେଲେ ରାସ୍ତାରୋକ ଜାରି ରହିବ ବୋଲି ଗ୍ରାମବାସୀ ଜିଦରେ ଅଡ଼ି ବସିଥିଲେ। ଫଳରେ ବାରିପଦା -ଉଦଳା ରାସ୍ତାରେ ଗମନା ଗମନ ଠପ୍ ହେବା ସହ ଉଭୟ ପାର୍ଶ୍ୱରେ ଅନେକ ସଂଖ୍ୟକ ଗାଡି ଅଟକି ରହିଥିଲା। ଘଟଣା ସ୍ଥଳରେ ଜିଲ୍ଲା ପ୍ରଶାସନର ଅଧିକାରୀ ଓ ପୁଲିସ ପହଞ୍ଚି ଲୋକଙ୍କ ବୁଝାସୁଝା କରିଥିଲେ। ସମସ୍ୟାର ତଦାରଖ କରିବା ସହ ସମାଧାନ ପାଇଁ ଖୁବଶୀଘ୍ର ପାନୀୟ ଜଳ ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକ ହଟିଥିଲା। ତେବେ ଆଗାମୀ ଦିନରେ ସମସ୍ୟାର ସମାଧାନ ନ ହେଲେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

## ଟ୍ରଲର-ଟ୍ରକ୍ ମୁହାଁମୁହିଁ ଧକ୍କା; ୨ ଚାଳକ ମୃତ



**ବିଶୋଇ, ୪।୬ (ସମିସ):** ବିଶୋଇ ଥାନା ଅନ୍ତର୍ଗତ ୪୯ ନଂ. ଜାତୀୟ ରାଜପଥ ସ୍ଥିତ ଜାମ୍ବିଲା ଛକ ନିକଟରେ ସୋମବାର ବିଳମ୍ବିତ ରାତ୍ରିରେ ଟ୍ରଲର ସହିତ ଏକ ଟ୍ରକ ମୁହାଁମୁହିଁ ଧକ୍କା ହେବା ଫଳରେ ଘଟଣାସ୍ଥଳରେ ଉଭୟ ଗାଡିଚାଳକଙ୍କ ମୃତ୍ୟୁ ଘଟିଛି। ମୃତ ଟ୍ରକ ଡ୍ରାଇଭର ଜଣକ ହେଲେ ବିହାରର ବାରାକ ଜିଲ୍ଲାର ବରାହତ ଥାନା ଅଧୀନ ମିର୍ଜାପୁର ଗ୍ରାମର ଗୌତମ କୁମାର ଯାଦବ ଏବଂ ମୃତ ଟ୍ରଲର ଡ୍ରାଇଭର ଜଣକ ହେଲେ ଝାଡ଼ଖଣ୍ଡ ରାଜ୍ୟର ଚାଟରା ଜିଲ୍ଲା ସ୍ଥିତ ରାଜପୁର ଥାନା ଅଧୀନ କଲୱା ଗ୍ରାମର ମହମ୍ମଦ ରିଜୱାର। ସୂଚନା ଅନୁସାରେ, ଏକ ଟ୍ରକ ବିଶୋଇରୁ କେନ୍ଦୁଝର ଅଭିମୁଖେ ଯାଉଥିବା ସମୟରେ ଉକ୍ତ ରାସ୍ତାର ଭୁଲ ଦିଗରୁ ଦ୍ରୁତଗତିରେ ଆସୁଥିବା ଏକ ଟ୍ରଲର ଟ୍ରକକୁ ମୁହାଁମୁହିଁ ଧକ୍କା ଦେଇଥିଲା। ଧକ୍କା ଏତେ ଭୟଙ୍କର ଥିଲା ଯେ ଜଣେ ଚାଳକର ହାତ କଟି ଯାଇଥିଲା। ପାଟ୍ରୋଲିଂ କରୁଥିବା ପୁଲିସ ଘଟଣା ସମ୍ପର୍କରେ ତୁରନ୍ତ ବିଶୋଇ ଦମକଳ ବାହିନୀକୁ ଖବର ଦେଇଥିଲା। ଖବରପାଇ ଦମକଳ ବାହିନୀ କର୍ମଚାରୀ ପହଞ୍ଚି ଟ୍ରକରେ ଚାପି ହୋଇ ରହିଥିବା ରକ୍ତ ଜୁଡୁବୁଡୁ ଅବସ୍ଥାରେ ଦୁଇ ଚାଳକଙ୍କୁ ଉଦ୍ଧାର କରି ରାଇରଙ୍ଗପୁର ଉପଖଣ୍ଡ ଡାକ୍ତରଖାନାକୁ ନେଇଥିଲେ; ହେଲେ ଡାକ୍ତର ଉଭୟ ଚାଳକଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ବିଶୋଇ ଥାନାରେ ଏକ ମାମଲା ରୁଜୁ ହୋଇଥିବା ବେଳେ ପୁଲିସ ଘଟଣାର ତଦନ୍ତ ଜାରି ରଖିଛି।

**ଟ୍ରଲର ଡ୍ରାଇଭରର ବେପରୁଆ ଗାଡ଼ି ଚାଳନା ପାଇଁ ଦୁର୍ଘଟଣା**

## ରାସ୍ତା ନ ଥିବାରୁ ଖଟିଆରେ ବୁହାହେଲେ ରୋଗୀ



**ଠାକୁରମୁଣ୍ଡା, ୪।୬(ସମିସ):** ରାସ୍ତା ଭଲ ନ ଥିବାରୁ ପ୍ରାୟ ୧ କିମିରୁ ଅଧିକ ରାସ୍ତା ଖଟିଆରେ ବୁହାହୋଇ ଆମ୍ବୁଲାନ୍ସ ଯୋଗେ ଠାକୁରମୁଣ୍ଡା ଡାକ୍ତରଖାନାକୁ ଆସିଲେ ଜଣେ ରୋଗୀ। ଏପରି ଏକ ଘଟଣା ଦେଖିବାକୁ ମିଳିଛି ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକଅନ୍ତର୍ଗତ ଚମ୍ପାଝର ଗ୍ରାମ ପଞ୍ଚାୟତ ଅଶନବଣୀ ଗ୍ରାମରେ। ଘଟଣାରୁ ପ୍ରକାଶ ଯେ, ଅଶନବଣୀ ସାହିର ରତନ ମାର୍ଣ୍ଡିଙ୍କ ପୁଅ କାରୁ ମାର୍ଣ୍ଡି (୨୩)ଙ୍କ ବିଳମ୍ବିତ ରାତିରେ ସ୍ୱାସ୍ଥ୍ୟ ଅତ୍ୟନ୍ତ ଖରାପ ହେବାରୁ ତାଙ୍କ ସାନ ଭାଇ ଫାଗୁ ମାର୍ଣ୍ଡି ଫୋନ୍ ଯୋଗେ ୧୦୮ ଆମ୍ବୁଲାନ୍ସକୁ ଡାକିଥିଲେ; ମାତ୍ର ଗାଁକୁ ରାସ୍ତା ନ ଥିବାରୁ ଆମ୍ବୁଲାନ୍ସ ପହଞ୍ଚିପାରିନଥିଲା। ପ୍ରାୟ ୧ କିମି ଦୂରରେ ଆମ୍ବୁଲାନ୍ସ ରହିଥିଲା। ଫଳରେ ରୋଗୀଙ୍କ ପରିବାର ଏକ ଖଟିଆରେ ଆମ୍ବୁଲାନ୍ସ ନିକଟକୁ ନେଇଥିଲେ। ପରେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସରକାର ସ୍ୱାସ୍ଥ୍ୟସେବା ପାଇଁ ବହୁ ଯୋଜନା କରିଥିଲେ ମଧ୍ୟ ବିଭାଗୀୟ ଅଧିକାରୀଙ୍କ ଅବହେଳା ପାଇଁ ପ୍ରକୃତ ହିତାଧିକାରୀଙ୍କ ନିକଟରେ ପହଞ୍ଚିପାରୁନାହିଁ। ଏ ନେଇ ଅଞ୍ଚଳବାସୀ ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଗାଁଗଣ୍ଡାକୁ ଖଣ୍ଡିଏ ଭଲ ରାସ୍ତା ହୋଇପାରିଲା ନାହିଁ।

## ଘରେ ପଶି ସଙ୍ଘବଦ୍ଧ ଆକ୍ରମଣ ଅଭିଯୋଗ

**ବାରିପଦା, ୪।୬(ସମିସ):** ଘରେ ପଶି ସଂଘବଦ୍ଧ ଭାବେ ମରଣାନ୍ତକ ଆକ୍ରମଣ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଏନେଇ ମଧୁବନ ତଳସାହି ଅଞ୍ଚଳର ଶିବଶଙ୍କର ଜେନା ବାରିପଦା ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ସ୍ଥାନୀୟ ଅଞ୍ଚଳର ଗଦାଧର ମୁଖୀ, ବିଦ୍ୟାଧର ମୁଖୀ, ରାହୁଲ ଜେନା ଏକ ଘରୋଇ କଳହକୁ କେନ୍ଦ୍ରକରି ଶିବଶଙ୍କର ଘରେ ଅତର୍କିତ ପ୍ରବେଶ କରିଥିଲେ। ସଙ୍ଘବଦ୍ଧ ଭାବେ ବାଉଁଶ, ଲୁହା ରଡ଼ ଆଦି ମାରଣାସ୍ତ୍ର ଧରି ତାଙ୍କୁ ଆକ୍ରମଣ କରି ଲହୁଲୁହାଣ କରିଥିଲେ। ଏଥିସହିତ ଘରେ ଥିବା ସମସ୍ତ ଅସବାବପତ୍ରଗୁଡ଼ିକ ଘର ବାହାରକୁ ଫିଙ୍ଗି ଦେଇଥିଲେ। ମାରଣାସ୍ତ୍ରରେ ମରଣାନ୍ତକ ଆକ୍ରମଣ କରିବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଆକ୍ରମଣରେ ତାଙ୍କ ମୁଣ୍ଡରୁ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ବାରିପଦା ପିଆରଏମ ହସ୍ପିଟାଲରେ ଚିକିତ୍ସା ହେବା ପରେ ବାରିପଦା ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ଅଭିଯୋଗକ୍ରମେ ବାରିପଦା ଟାଉନ ଥାନା ପୁଲିସ ଦ୍ୱାରା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରାଯାଇଛି।

## କରଞ୍ଜିଆ ଓ ଯଶିପୁରରେ ବିଜେପି ପ୍ରାର୍ଥୀଙ୍କ ବିଜୟ



**ଠାକୁରମୁଣ୍ଡା/କରଞ୍ଜିଆ, ୪।୬(ସମିସ):** ଚଳିତ ନିର୍ବାଚନରେ ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ଏବଂ ଯଶିପୁର ନିର୍ବାଚନ ମଣ୍ଡଳୀରେ ବିଜେପି ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ଯଶିପୁର ନିର୍ବାଚନ ମଣ୍ଡଳୀରେ ଦ୍ୱିତୀୟ ଥର ପାଇଁ ଗଣେଶରାମ ସିଂ ଖୁଣ୍ଟିଆ ବିଜୟୀ ହୋଇଥିବା ବେଳେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଚକ୍ରଧର ହେମ୍ବ୍ରମଙ୍କୁ ୩୪୩୧୧ଖଣ୍ଡ ଭୋଟରେ ପରାସ୍ତ କରିଛନ୍ତି। ଗଣେଶ ରାମ ସିଂ ଖୁଣ୍ଟିଆ ୮୪୭୮୭ଭୋଟ ପାଇଥିବା ବେଳେ ଚକ୍ରଧର ହେମ୍ବ୍ରମ ୩୫୭୯୬ଟି ଭୋଟ ପାଇଛନ୍ତି। ସେହିପରି କରଞ୍ଜିଆ ନିର୍ବାଚନ ମଣ୍ଡଳୀର ବିଜେପି ପ୍ରାର୍ଥିନୀ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମଙ୍କୁ ବିଜେପି ପ୍ରାର୍ଥୀ ହରାଇ ପଦ୍ମଚରଣ ହାଇବ୍ରୁରୁ ପରାସ୍ତ କରିଛନ୍ତି। ଶ୍ରୀ ହାଇବ୍ରୁରୁ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବାସନ୍ତୀ ହେମ୍ବ୍ରମଙ୍କୁ ୨୯୨୭୪ ଖଣ୍ଡ ଭୋଟରେ ହରାଇଛନ୍ତି। ବିଜେପି ପ୍ରାର୍ଥୀ ୬୫୧୭୦ ପାଇଥିବାବେଳେ ବିଜେଡି ପ୍ରାର୍ଥୀ ୩୫୭୯୬ଟି ଭୋଟ ପାଇ ପରାସ୍ତ ହୋଇଛନ୍ତି।

## ଉଦଳା: ବିଜେପି ପ୍ରାର୍ଥୀ ଭାସ୍କର ମଢେଇ ୬୫୧୭ ଭୋଟ ବ୍ୟବଧାନରେ ବିଜୟୀ



**ଉଦଳା, ୪।୬(ସମିସ):** ମୟୂରଭଞ୍ଜ ଜିଲ୍ଲାର ଉଦଳା ସଂରକ୍ଷିତ ଆସନରେ ବିଜେପି ପ୍ରାର୍ଥୀ ଭାସ୍କର ମଢେଇ ଚତୁର୍ଥ ଥର ପାଇଁ ବିଜୟ ଲାଭ କରିଛନ୍ତି। ସେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡି ପ୍ରାର୍ଥୀ ଶ୍ରୀନାଥ ସୋରେନଙ୍କଠାରୁ ୬୫୧୭ ଭୋଟ୍ ବ୍ୟବଧାନରେ ବିଜୟ ଲାଭ କରିଛନ୍ତି। ଶ୍ରୀ ମଢେଇ ୬୬୪୦୧ ଭୋଟ୍ ପାଇଥିବା ବେଳେ ବିଜୁ ଜନତା ଦଳ ପ୍ରାର୍ଥୀ ୫୯୮୮୪ ଭୋଟ ପାଇଛନ୍ତି। ବିଧାୟକ ଭାସ୍କର ମଢେଇ ଚାରିଥର ବିଧାୟକ ହେବାର ସୌଭାଗ୍ୟ ଲାଭ କରିବା ସହିତ ସ୍ୱର୍ଗତ ମନମୋହନ ଟୁଡୁ ଓ ସ୍ୱର୍ଗତ ରବେନେଶ୍ୱର ମଢେଇଙ୍କ ସହ ସମକକ୍ଷ ହୋଇପାରିଛନ୍ତି। ସେହିପରି କଂଗ୍ରେସ ପ୍ରାର୍ଥୀ ଦୁର୍ଗାଚରଣ ଟୁଡୁ ୧୫୮୫୭ ଭୋଟ୍ ପାଇ ତୃତୀୟ ସ୍ଥାନରେ ରହିଛନ୍ତି।

### ବାରିପଦା ସହରରେ ପୁଣି ଛିନ୍‌ତାଇ ନେଇ ଅଭିଯୋଗ

## ମହିଳାଙ୍କ ବେକରୁ ସୁନାହାର ଲୁଟ୍

**ବାରିପଦା, ୪।୬(ସମିସ):** ବାରିପଦା ସହରରେ କିଛି ଦିନର ବ୍ୟବଧାନ ପରେ ପୁଣି ଛିନତାଇ ଗ୍ୟାଙ୍ଗ ସକ୍ରିୟ ହୋଇଛନ୍ତି। ବାରିପଦା ସହରରେ ପୁଣି ଜଣେ ମହିଳାଙ୍କ ବେକରୁ ସୁନାହାର ଛିନତାଇ ହୋଇଛି। ଛିନତାଇ ଶିକାର ମହିଳା ଜଣକ ହେଲେ କୁଳିଅଣା ଥାନା ଅନ୍ତର୍ଗତ ଅଙ୍ଗାରଗଡ଼ିଆ ଅଞ୍ଚଳର ଦେବସ୍ମିତା ବେହେରା। ଏ ନେଇ ସେ ଭଞ୍ଜପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ସେ ତାଙ୍କ ପରିବାର ଲୋକଙ୍କ ସହିତ ଶାଶୂ ଘରକୁ ଯାଉଥିଲେ। ଉକ୍ତ ସମୟରେ ମୁର୍ଗାବାଡ଼ି ଗୋଲେଇ ନିକଟରେ ସେ ଅଟକି ରହିଥିବାବେଳେ ଦୁଇ ଜଣ ଦୁର୍ବୃତ୍ତ ତାଙ୍କୁ ପିଛା କରିଥିଲେ। ପରେ ଦୁଇ ଜଣ ଦୁର୍ବୃତ୍ତ ବାଇକରେ ଆସି ଉକ୍ତ ମହିଳାଙ୍କ ବେକରୁ ସୁନାହାରଟି ଛିଣ୍ଡାଇ ନେଇ ଚମ୍ପଟ୍ ମାରି ଫେରାର ହୋଇଯାଇଥିଲେ। ଏ ନେଇ ମହିଳାଙ୍କ ଅଭିଯୋଗକ୍ରମେ ଭଞ୍ଜପୁର ଥାନାରେ ମାମଲା ରୁଜୁ କରାଯାଇ ତଦନ୍ତ ପ୍ରକ୍ରିୟା ଆରମ୍ଭ ହୋଇଛି।

### ସାବିତ୍ରୀ ବ୍ରତ ପାଇଁ ବଜାରରେ ପ୍ରବଳ ଭିଡ଼

# ଫଳ, ଲୁଗା ସମେତ ପୂଜା ସାମଗ୍ରୀ ଦର ଆକାଶଛୁଆଁ

**ବାରିପଦା, ୪।୬(ସମିସ)**



ବୁଧବାର ସାବିତ୍ରୀ ଅମାବାସ୍ୟା। ସ୍ୱାମୀଙ୍କ ଦୀର୍ଘାୟୁ ଓ ସୁସ୍ଥ ତଥା ନିରୋଗ ଜୀବନ କାମନା କରି ସ୍ତ୍ରୀ ଏହି ଦିନ ବ୍ରତ ପାଳନ କରିଥାନ୍ତି। ଓଡିଆଙ୍କ ପ୍ରତି ଘରେ ଏହି ବ୍ରତ ପାଳନ ହୋଇଥାଏ। ପାରମ୍ପରିକ ଏହି ପବିତ୍ର ସାବିତ୍ରୀ ବ୍ରତ ଅବସରରେ ପୂଜାର୍ଚ୍ଚନା ସରଞ୍ଜାମ ଓ ଫଳମୂଳ କିଣିବା ପାଇଁ ବଜାରରେ ଭିଡ଼ ଲାଗିଛି। ମନ୍ଦିରରୁ ଆରମ୍ଭ କରି ଘର ପର୍ଯ୍ୟନ୍ତ ପୂଜାର୍ଚ୍ଚନା ହୋଇଥାଏ। ମହିଳାମାନେ ନୂଆ ଲୁଗା ପରିଧାନ କରି ଭଳିକି ଭଳି ଫଳ ଓ ପୂଜା ସରଞ୍ଜାମ ଧରି ଓଷା କରି ବ୍ରତ ପାଳନ କରିଥାନ୍ତି। ଓଡ଼ିଆମାନଙ୍କ ଭାବନା ସହିତ ଜଡିତ ଏହି ସାବିତ୍ରୀ ଓଷା ପାଇଁ ବ୍ୟବସାୟୀ ବର୍ଷ ତମାମର ବ୍ୟବସାୟୀ କରିବା ପାଇଁ ଦରଦାମ ଆକାଶ ଛୁଆଁ କରିଛନ୍ତି। ବଜାରରେ ଫଳ ଦର ଶୁଣି ସତ୍ୟବାନ ମାନଙ୍କ ପକେଟକୁ ବାଧୁଛି। ଓଡ଼ିଆ ସଂସ୍କୃତି ଯେତେ ବଦଳିଲେ ବି ଆମ ଓଷା, ପୂଜାବିଦ୍ଧି, ପରମ୍ପରା କେବେ ବଦଳିପାରିବ ନାହିଁ। ତେଣୁକରି ପ୍ରତିଟି ଓଡ଼ିଆଙ୍କ ଘରେ ଏହାର ସତନ୍ତ୍ରତା ରହିଛି; ଯାହାକୁ ନେଇ ସାବିତ୍ରୀ ବ୍ରତ ପାଇଁ ବଜାର ଚଳଚଞ୍ଚଳ ସହ ବାରିପଦା ସହରର ପୂଜା ବଜାରରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଛି। ମୁଣ୍ଡଫଟା ଖରା ଏବଂ ଗୁଳୁଗୁଳିରେ ମଧ୍ୟ ଘରକୁ ପୂଜା ସରଞ୍ଜାମ ସହ ଭଳିକି ଭଳି ଫଳ ନେବା ପାଇଁ ବଜାରରେ ପ୍ରତିଟି ଦୋକାନରେ ଲମ୍ବା ଲାଇନ ଲାଗିଥିଲା। ପୂଜାର ଆବଶ୍ୟକତାକୁ ଦୃଷ୍ଟି ରଖି ପୂଜା ବଜାରରେ ଫଳ ଓ ପୂଜା ସରଞ୍ଜାମର ଦରଦାମ ଆକାଶ ଛୁଆଁ ରହିଥିଲା। ସାଧାରଣତଃ ଅନ୍ୟ ଦିନ ତୁଳନାରେ ପୂଜା ପାଇ ସାମଗ୍ରୀ ଦର ଅଧିକ ରହିଥିଲା। ପୂର୍ବ ତୁଳନାରେ ଫଳର ଦର ଦୁଇ ଗୁଣା ହୋଇଛି। ତରଭୁଜ, କଦଳୀ, ନଡ଼ିଆ, ଲିଚୁ, ସେଓ, କମଳା, ନାସପାତି ଆଦି ବ୍ୟବସାୟୀମାନେ ଚଢ଼ାଦରରେ ବିକ୍ରି କରୁଥିବା ପରିଲକ୍ଷିତ ହୋଇଛି। ତେବେ ପୂଜା ପାଇଁ ସେଓ କିଲୋ ପ୍ରତି ୧୫୦ରୁ ଆରମ୍ଭ କରି ୪୮୦ ଟଙ୍କା, କମଳା କିଲୋ ପ୍ରତି ୧୪୦ରୁ ଆରମ୍ଭ କରି ୪୫୦ଟଙ୍କା, ଅଙ୍ଗୁର କିଲୋ ପ୍ରତି ୧୬୦ରୁ ଆରମ୍ଭ କରି ୧୨୦୦ ଟଙ୍କା, ଖଜୁରୀ ୧୦୦ରୁ ଆରମ୍ଭ କରି ୧୦୦୦ଟଙ୍କା, ନାଶପାତି କିଲୋ ପ୍ରତି ୧୩୦ରୁ ଆରମ୍ଭ କରି ୪୮୦ଟଙ୍କା, କଦଳୀ ଡ଼ର୍ଜନ ୫୦ରୁ ଆରମ୍ଭ କରି ୮୦ଟଙ୍କା, ପିଜୁଳି କିଲୋ ପ୍ରତି ୮୦ଟଙ୍କାରୁ ଆରମ୍ଭ କରି ୧୫୦ଟଙ୍କା, ସପୁରୀ କିଲୋ ପ୍ରତି ୬୦ରୁ ଆରମ୍ଭ କରି ୧୨୦ଟଙ୍କା ପର୍ଯ୍ୟନ୍ତ ରହିଛି। ପ୍ରାୟ ସପ୍ତାହ ହେବ ଧୀରେ ଧୀରେ ଗ୍ରାହକଙ୍କ ଗହଳି ଜମୁଥିବା ବେଳେ କିଣାକିଣି ଆରମ୍ଭ କରି ଦେଲେଣି। ବିଭିନ୍ନ ଫଳର ଦର ବୃଦ୍ଧି କରାଯାଇଥିଲେ ବି ବାରିପଦା ସହରର କଚେରୀ ମାର୍କେଟ, ଟ୍ରାଫିକ ଛକ, ବିଜୁ ପଟ୍ଟନାୟକ ଗୋଲେଇ, ଲାଲ ବଜାର ଆଦି ମାର୍କେଟ ଗ୍ରାହକଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହେଇଥିଲା। ଏଥି ସହିତ ପୂଜା ନିମନ୍ତେ ପ୍ରତି ଘରଣୀଙ୍କ ନୂଆ ଶାଢୀର ଆବଶ୍ୟକତା ଥିବା ବେଳେ ଲୁଗା ଦୋକାନରେ ପ୍ରବଳ ଭିଡ ପରିଲକ୍ଷିତ ହେଉଛି। ଆଗକୁ ଦର ପୂର୍ବ ଭଳି କମ୍ ରହିବ ବୋଲି ବ୍ୟବସାୟୀ କହିଛନ୍ତି। ଦରଦାମ ବୃଦ୍ଧି ହୋଇଥିବା ସତ୍ତ୍ୱେ ଗ୍ରାହକମାନେ ଅଧିକ ଦରରେ ସାମଗ୍ରୀ କିଣିବାକୁ ବାଧ ହୋଇଛନ୍ତି।





